୬ ଆଇସିସି ର୍ୟାଙ୍କିଂ : କୋହଲିଙ୍କୁ ଟପିଲେ ଶୁବମନ ଗିଲ୍, ନଂ୧ ସ୍ଥାନ ହରାଇଲେ ବୁମ୍ରା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା, 8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୧୪୫ • ୨୫ ଜୁନ ୨୦୨୬ ଗୁରୁବାର • ଭୁବନେଶ୍ୱର • Vol -33 • Issue-145 • 25th June 2026, Thursday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ୧୪ତମ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ ବୈଠକ ଉଦ୍‌ଘାଟିତ

# ସାମୁଦ୍ରିକ ବାଣିଜ୍ୟ ଓ ସୁରକ୍ଷା ହେଉଛି ବ୍ୟାପକ ପ୍ରଗତିର ପ୍ରବେଶ ପଥ

ଭୁବନେଶ୍ୱର, ୨୪।୬

ନ୍ୟୁଜ୍ ବ୍ୟୁରୋ

ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ, ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ ବୋଲି ଲୋକସେବା ଭବନ ଠାରେ ୧୪ତମ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।




ସେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ହେଉଛି ଇଣ୍ଡୋ-ପାସିଫିକ୍ ଶତାବ୍ଦୀ । ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ପ୍ରଥମ ଥର ପାଇଁ ନୂଆଦିଲ୍ଲୀ ବାହାରେ ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ବ୍ଲୁ ଇକୋନୋମି ହେଉଛି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ ବରଂ ଏଥିରେ ଜଟିଳ ଭିତ୍ତିଭୂମିର ସୁରକ୍ଷା, ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱ ଉପରେ ଆମର ସଚେତନତା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ସାମିଲ ରହିଛି।

ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, *(ପୃଷ୍ଠା ୭ରେ)*

# ନିର୍ମାଣାଧୀନ ତିନି ମହଲା ଗୋଦାମ ଘର ଭୁଶୁଡ଼ି ୪ ମୃତ

କୋଲକାତା, ୨୪।୬

ତାରାତାଲା ଅଞ୍ଚଳରେ ବୁଧବାର ଏକ ନିର୍ମାଣାଧୀନ ତିନି ମହଲା ଗୋଦାମ ଘର ଭୁଶୁଡ଼ି ପଡ଼ିବାରୁ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ୨୧ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଧ୍ୱଂସାବଶେଷ ତଳେ ୧୫ରୁ ଅଧିକ ଲୋକ ଫସି ରହିଥିବା କୁହାଯାଉଛି। ଏନଡିଆରଏଫ, ଏସଡିଆରଏଫ, ପୁଲିସ୍ ଓ ଅଗ୍ନିଶମ ବାହିନୀ ସହିତ ସେନାର ଯବାନମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି।

ଉଦ୍ଧାର ହୋଇଥିବା ୨୧ ଜଣ ଶ୍ରମିକଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଥିଲେ। ସେ କହିଛନ୍ତି, ଏନଡିଆରଏଫ, ଏସଡିଆରଏଫ, ପୁଲିସ୍ ଓ ଅଗ୍ନିଶମ ବାହିନୀ ସହିତ ସେନାର ଯବାନମାନେ ମିଶି ଉଦ୍ଧାର କାର୍ଯ୍ୟ କରୁଛନ୍ତି। ୨୧ ଜଣଙ୍କୁ ଉଦ୍ଧାର କରାଯାଇଛି। ୪ ଜଣଙ୍କର ମୃତ୍ୟୁ ଘଟିଛି। ପ୍ରାୟ ୧୫ ଜଣ ଧ୍ୱଂସାବଶେଷ ତଳେ ଫସି ରହିଛନ୍ତି।

ନିର୍ମାଣାଧୀନ ତିନି ମହଲା ଗୋଦାମ ଘରେ ପ୍ରକୃତରେ କେତେ ଜଣ ଶ୍ରମିକ କାମ କରୁଥିଲେ, ତାହା ସ୍ପଷ୍ଟ ହୋଇପାରିନାହିଁ। ପ୍ରଶାସନ ପକ୍ଷରୁ ଏ ବିଷୟରେ ଜାଣିବା ପାଇଁ ପ୍ରୟାସ ଚାଲିଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଏହି ଅଘଟଣ ଘଟିବା ବେଳେ ସେଠାରେ ୪୦ରୁ ୫୦ ଶ୍ରମିକ କାମ କରୁଥିଲେ।

କାମ ଚାଲିଥିବା ବେଳେ ବଡ଼ ବଡ ଲୁହା ବିମ୍ ଓ କଂକ୍ରିଟ୍ ସ୍ଲାବ୍‌ଗୁଡ଼ିକ ଭୁଶୁଡ଼ି ପଡ଼ିଥିଲା। ଫଳରେ ଶ୍ରମିକମାନେ ତା' ତଳେ ଚାପି ହୋଇଯାଇଥିଲେ।

ଏନଡିଆରଏଫ, ଏସଡିଆରଏଫ, ପୁଲିସ୍ ଓ ଅଗ୍ନିଶମ ବାହିନୀ ସହିତ ସେନାର ଯବାନମାନେ ପୂରା ଅଞ୍ଚଳରେ ତନ୍ନତନ୍ନ କରି ଖୋଜାଖୋଜି କରୁଛନ୍ତି। ଲୁହା ବିମ୍‌ଗୁଡ଼ିକୁ ଗ୍ୟାସ୍ କଟରରେ କଟା ଯାଉଥିବା ବେଳେ କଂକ୍ରିଟଗୁଡ଼ିକୁ ଅତି ସନ୍ତର୍ପଣରେ ହଟା ଯାଉଛି। ଏନଡିଆରଏଫ ପକ୍ଷରୁ ସନ୍ଧାନୀ କୁକୁରମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏମିତିକି ଡ୍ରୋନର ମଧ୍ୟ ସହାୟତା ନିଆଯାଉଛି।



ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଏହି ଗୋଦାମ ଘରର ପ୍ରଥମ ଓ ଦ୍ୱିତୀୟ ମହଲାର କାମ ସରି ଯାଇଥିଲା। ଗ୍ରାଉଣ୍ଡ ଫ୍ଲୋରର କାମ ଚାଲିଥିବା ବେଳେ ଏହା ଭୁଶୁଡ଼ି ପଡ଼ିଥିଲା।

ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ଏହି ଘଟଣା ପରେ *(ପୃଷ୍ଠା ୭ରେ)*

## ଆଜି ବିଜେଡିରେ ମିଶିବେ ସୁଜାତା କାର୍ତ୍ତିକେୟନ !



ଭୁବନେଶ୍ୱର, ୨୪।୬

ନ୍ୟୁଜ୍ ବ୍ୟୁରୋ

ଗୁରୁବାର ବିଜେଡିରେ ମିଶିପାରନ୍ତି ସୁଜାତା କାର୍ତ୍ତିକେୟନ। ବୁଧବାର ଦିନ ନବୀନ ନିବାସରେ ବସିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନେଇ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି। ନବୀନ ନିବାସରେ ବସିଥିବା ବୈଠକରେ ଦଳର ବହୁ ପୁରୁଖା ନେତା ସାମିଲ ଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ,ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଜେଡିରେ ସୁଜାତାଙ୍କ ଯୋଗଦାନ ନେଇ ଆଲୋଚନା ହୋଇଥିବା ଜଣାପଡିଛି। ତେବେ ବିଜେଡି ପକ୍ଷରୁ ଏସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ।

## ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ

# ୨.୮୮ ଲକ୍ଷ ଏସ୍‌ଏଚ୍‌ଜିଙ୍କୁ ୧୪୭ କୋଟି ଟଙ୍କା ସୁଧ ଫେରସ୍ତ

ଭୁବନେଶ୍ୱର, ୨୪।୬

ନ୍ୟୁଜ୍ ବ୍ୟୁରୋ

ମିଶନ ଶକ୍ତି ବିଭାଗ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ରାଜ୍ୟସ୍ତରୀୟ 'ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ' ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲ୍ଲାରୁ ପ୍ରାୟ ୩୩୦ ଜଣ ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କରକମଳରେ ୨,୮୮,୧୯୮ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭.୭୬ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି।



ଏହି ସ୍ୱତନ୍ତ୍ର ଉତ୍ସବ ଅବସରରେ ୨୬ଟି ଜିଲ୍ଲାର ୨୩,୫୩୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪୫.୭୧ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଇଛି, ଯେଉଁଥିରେ ଖୋର୍ଦ୍ଧାର ମା ମଙ୍ଗଳା ଓ ଶ୍ରୀରାମ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଯଥାକ୍ରମେ ୩୦,୦୦୦ ଟଙ୍କାର ଚେକ୍ ମାନ୍ୟବର ମନ୍ତ୍ରୀଙ୍କ କରକମଳରୁ ସାକ୍ଷାତ ଭାବେ ଗ୍ରହଣ କରିଛନ୍ତି।

ଗ୍ରାମାଞ୍ଚଳର ମହିଳାମାନଙ୍କୁ ସଂଗଠିତ କରିବା ପାଇଁ ୨୭ଟି *(ପୃଷ୍ଠା ୭ରେ)*

# ୭୫ ଡଲାର ତଳେ ଅଶୋଧିତ ତେଲ : ଯୁଦ୍ଧ ପରଠାରୁ ସର୍ବନିମ୍ନ

ନୂଆଦିଲ୍ଲୀ, ୨୪।୬

ମଧ୍ୟପ୍ରାଚ୍ୟ ଯୁଦ୍ଧ ଚିନ୍ତା ମଧ୍ୟରେ ଏକ ବଡ଼ ଆଶ୍ୱସ୍ତିର ଖବର ମିଳିଛି। ଚଳିତ ବର୍ଷ ଫେବ୍ରୁଆରୀରେ ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୭୫ ଡଲାରକୁ ହ୍ରାସ ପାଇଛି। ବୁଧବାର ବ୍ରେଣ୍ଟ୍ କ୍ରୁଡ୍ ଦର ବ୍ୟାରେଲକୁ ୩.୦୧ ପ୍ରତିଶତ ହ୍ରାସ ପାଇ ୭୪.୭୬ ଡଲାର ଥିଲା। ଆମେରିକାର ୱେଷ୍ଟ୍ ଟେକ୍ସାସ୍ ଇଣ୍ଟରମେଡିଏଟର ଦର ମଧ୍ୟ ୨.୯୬ ପ୍ରତିଶତ ହ୍ରାସ ପାଇ ୭୧.୦୪ ଡଲାରକୁ ଖସିଆସିଥିଲା।

ଗତ ଫେବ୍ରୁଆରୀ ୧୭ ପରେ ତେଲର ଏହା ସର୍ବନିମ୍ନ ଦାମ୍। ଏହାର ଗୋଟିଏ ଦିନ ପରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଆକ୍ରମଣ କରିଥିଲେ। ତାପରଠାରୁ ତେଲ ଦରରେ ବଡ଼ ଧରଣର ବୃଦ୍ଧି ଘଟିଥିଲା।ଇରାନ ଓ ଆମେରିକା ମଧ୍ୟରେ




ଶାନ୍ତି ଚୁକ୍ତି ହେବା ପରେ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବଢ଼ିବାରେ ଲାଗିଛି। ଇରାନ ତେଲ ଉପରେ ଲାଗିଥିବା କଟକଣାକୁ ଆମେରିକା ୬୦ ଦିନ ପାଇଁ ହଟାଇ ଦେଇଛି। ତେଣୁ ଇରାନ ତେଲ ମଧ୍ୟ ବଜାରରେ ପ୍ରବେଶ କରିବା ଆରମ୍ଭ କରିଛି। ସେଥିପାଇଁ ଦର ହ୍ରାସ ପାଉଛି। ଯୁଦ୍ଧ ଚାଲିଥିବା ବେଳେ ଇରାନ ବିପୁଳ ପରିମାଣର ତେଲ ଉତ୍ପାଦନ କରି ଗଚ୍ଛିତ ରଖିଛି। କଟକଣା କୋହଳ କରାଯାଇଥିବାରୁ ସେହି ତେଲ ବଜାରକୁ ଆସିବା ଆରମ୍ଭ ହୋଇଛି।

ଚାହିଦାଠାରୁ ତେଲ ଯୋଗାଣ ଅଧିକ ରହିଥିବାରୁ କିଛି ଅଶୋଧିତ ତେଲ ରିହାତିରେ ବିକ୍ରି ହେଉଛି। ହର୍ମୁଜ ପ୍ରଣାଳୀ ଉପରେ କେ?ଣସି ଟୋଲ୍ ଲଗାଇବ ନାହିଁ ବୋଲି ଓମାନ ଘୋଷଣା କରିଛି। ସେଥିପାଇଁ ଏହି ବାଟ ଦେଇ ଜାହାଜ ଚଳାଚଳ ବୃଦ୍ଧି ପାଇଛି। କିନ୍ତୁ କେତେ ଦିନ ପର୍ଯ୍ୟନ୍ତ ସେହି ସ୍ଥିତି ରହିବ ତାହା କେହି ଆକଳନ କରିପାରୁନାହାନ୍ତି। ଇରାନ ଓ ଆମେରିକା ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତିରେ କିଛି ବି ବିଭ୍ରାଟ ଘଟିଲେ ପୁଣି ତେଲ ଯୋଗାଣ ପ୍ରଭାବିତ ହେବ। ଆଗକୁ ସବୁ କିଛି ହୋଇଯିବ ବୋଲି ଅଧିକାଂଶ ବିଶେଷଜ୍ଞ ଭାବୁଛନ୍ତି। ଶାନ୍ତି ଚୁକ୍ତି ହେବା ପରେ ବ୍ରୋକରେଜ ସଂସ୍ଥାଗୁଡ଼ିକ ଅଶୋଧିତ ତେଲ ଦର ଆକଳନକୁ ବଦଳାଇଛନ୍ତି। ଚଳିତ ବର୍ଷର ଦ୍ୱିତୀୟ ଭାଗରେ ତେଲ ଦର ବ୍ୟାରେଲ ପିଛା *(ପୃଷ୍ଠା ୭ରେ)*

## ଝାରପଡା ଜେଲରେ ୫ରୁ ଊର୍ଦ୍ଧ୍ୱ କଏଦୀ ଅସୁସ୍ଥ

ଭୁବନେଶ୍ୱର, ୨୪।୬

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ଝାରପଡ଼ାସ୍ଥିତ ସ୍ୱତନ୍ତ୍ର କାରାଗାରରେ ହଠାତ୍ ୫ରୁ ଊର୍ଦ୍ଧ୍ୱ କଏଦୀ ଅସୁସ୍ଥ ହୋଇପଡିଛନ୍ତି। ମଙ୍ଗଳବାର ରାତିରେ ଅସୁସ୍ଥ କଏଦୀମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅସୁସ୍ଥଙ୍କ ମଧ୍ୟରୁ ୩ ଗୁରୁତର ଥିବା ସୂଚନା ମିଳିଛି। ନିମ୍ନମାନର ଖାଦ୍ୟ ଖାଇ କଏଦୀମାନେ ଅସୁସ୍ଥ ହୋଇପଡିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଜେଲରେ କଏଦୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଆଉ କିଛି କଏଦୀମାନେ ମଧ୍ୟ ସାମାନ୍ୟ ଅସୁସ୍ଥତା ଅନୁଭବ କରୁଛନ୍ତି। ତେବେ ସୁରକ୍ଷା ଦୃଷ୍ଟିରୁ କ୍ୟାପିଟାଲ ହସ୍ପିଟାଲରେ କମିଶନରେଟ୍ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବନ୍ଧୁକଧାରୀ ପୋଲିସ କର୍ମୀ ହସ୍ପିଟାଲ ପରିସରରେ ଜଗି ରହିଛନ୍ତି। ଏପରିକି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ହସ୍ପିଟାଲ ଯାଇ ସ୍ଥିତି ପରଖିବା ସହ ଘଟଣା ବିଷୟରେ ପଚାରି ବୁଝିଛନ୍ତି। ଅନ୍ୟପକ୍ଷରେ ଏନେଇ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ।

କଏଦୀମାନେ ହସ୍ପିଟାଲରେ ଭର୍ତ୍ତି ହେବା ପରେ ଏଠାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ନେଇ ଡିସିପି ସୂଚନା ଦେଇଛନ୍ତି । ଏନେଇ ଡିସିପି ମୀନା କହିଛନ୍ତି, ଅସୁସ୍ଥଙ୍କ ମଧ୍ୟରୁ ୪ ଜଣ ବିଚାରଧୀନ କିଏଦୀ ଥିବାବେଳେ ଜଣେ ଦଣ୍ଡ *(ପୃଷ୍ଠା ୭ରେ)*

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୪୩୩ (-୨୭) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୨୩୦ (-୨୫) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୦,୮୨୫ (-୨୦) |

## ରୁପା ଦର

| | |
|---|---|
| ରୂପା – ପ୍ରତି ଗ୍ରାମ | ୨୪୫ (+୦) |

## ଏଫ୍‌ସିଆରଏ ଢାଞ୍ଚାକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ

ଭୁବନେଶ୍ୱର, ୨୪।୬

ନ୍ୟୁଜ୍ ବ୍ୟୁରୋ

ବିଦେଶୀ ଅନୁଦାନ ନିୟମନ ଆଇନ (ଏଫ୍‌ସିଆରଏ) ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ପାଇଁ କେନ୍ଦ୍ର ସରକାର ଆଣିଥିବା ସଂସ୍କାରକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଛନ୍ତି। ବିଦେଶୀ ଅନୁଦାନର ବ୍ୟବହାର ଘୋଷିତ ଉଦ୍ଦେଶ୍ୟ ମଧ୍ୟରେ ସୀମିତ ରହିବା ସହ ସର୍ବୋଚ୍ଚ ସ୍ତରର ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନିଶ୍ଚିତ କରାଯିବା ସମୟର ଆବଶ୍ୟକତା ବୋଲି ସେ କହିଛନ୍ତି।

ସୋସିଆଲ ମିଡିଆରେ ପ୍ରକାଶିତ ଏକ ପୋଷ୍ଟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କଠୋର ନିୟମ, ପ୍ରକୃତ ଦାତାଙ୍କ ଅନିବାର୍ଯ୍ୟ ପରିଚୟ, ଅନୁଦାନ ବ୍ୟବହାରର କ୍ଷେତ୍ରସ୍ତରୀୟ ଯାଞ୍ଚ, କାର୍ଯ୍ୟକଳାପ ଉପରେ ବର୍ଦ୍ଧିତ ନିରୀକ୍ଷଣ ଏବଂ ଧର୍ମାନ୍ତରଣମୂଳକ କାର୍ଯ୍ୟକଳାପ ଉପରେ ସ୍ପଷ୍ଟ ନିଷେଧାଜ୍ଞା ଭଳି ବ୍ୟବସ୍ଥା ମାଧ୍ୟମରେ କେନ୍ଦ୍ର ସରକାର ଏଫ୍‌ସିଆରଏ ଢାଞ୍ଚାକୁ ଯଥେଷ୍ଟ ସୁଦୃଢ଼ କରିଛନ୍ତି।

ସେ କହିଛନ୍ତି ଯେ, ଏହି ସଂସ୍କାର ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ଭାରତ ବିକାଶ, ଶିକ୍ଷା ଓ ଜନକଲ୍ୟାଣମୂଳକ ପ୍ରକୃତ ପଦକ୍ଷେପକୁ ସ୍ୱାଗତ କରୁଛି। କିନ୍ତୁ ବିଦେଶୀ ପାଣ୍ଠିକୁ କୌଣସି ଗୁପ୍ତ ଉଦ୍ଦେଶ୍ୟ, ବିଚାରଧାରାଗତ ପ୍ରଭାବ ବିସ୍ତାର କିମ୍ବା ଜାତୀୟ ସ୍ୱାର୍ଥ ବିରୋଧୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ସଂଶୋଧନ ବିଦେଶୀ ଅନୁଦାନର ବ୍ୟବହାରରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଦାୟିତ୍ୱବୋଧକୁ ସୁଦୃଢ଼ କରିବା ସହ ଭାରତର ସାର୍ବଭୌମତ୍ୱ, ସାମାଜିକ ସଦ୍‌ଭାବ ଏବଂ ସାଂସ୍କୃତିକ ମୂଲ୍ୟବୋଧର ସୁରକ୍ଷାକୁ ମଧ୍ୟ ସୁନିଶ୍ଚିତ କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରି ଶ୍ରୀ ମାଝୀ କହିଛନ୍ତି ଯେ, ତାଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ଜାତୀୟ ଏକତାର ସୁରକ୍ଷା, ଅନୁଷ୍ଠାନଗତ ସୁଦୃଢ଼ତା ଏବଂ ରାଷ୍ଟ୍ର ନିର୍ମାଣ ଓ ଜନକଲ୍ୟାଣର ବୃହତ୍ତର *(ପୃଷ୍ଠା ୭ରେ)*

### ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର, ୨୪।୬ : ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ଛତ୍ରପୁର ତହସିଲର କାହ୍ନୁ ଚରଣ ଦାସ (ପିତା – କୈଳାଶ ଦାସ) ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି *(ପୃଷ୍ଠା ୭ରେ)*

### ୬ ଜିଲ୍ଲାରେ ସରକାରୀ ଓକିଲ ନିଯୁକ୍ତି କାଏମ

ଭୁବନେଶ୍ୱର, ୨୪।୬ : ନ୍ୟୁଜ୍ ବ୍ୟୁରୋ

୬ ଜିଲ୍ଲାରେ ସରକାରୀ ଓକିଲ ନିଯୁକ୍ତି ମାମଲା କାଏମ ରହିଛି। ନୂଆ ନିଯୁକ୍ତିକୁ ଚ୍ୟାଲେଞ୍ଜ୍ କରି ହାଇକୋର୍ଟରେ ଦାୟର ହୋଇଥିବା ପିଟିସନ୍ ଖାରଜ ହୋଇଥିବା ଏଜି ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୧୧ଟି ରିଟ୍ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ତ୍ରୁଟି ସୁଧାରିବା ନିମନ୍ତେ ବହିରେ
ଦେହ ମୁଣ୍ଡ ଖାଲି ତ୍ରୁଟି
କିଏ ସେ ବାନ୍ଧିବ ଜନେ ଏଇ ବେଳେ
ବିଲେଇ ବେକରେ ଘଣ୍ଟି
ନେତାବାବୁଙ୍କ ଶୁଖୁନି ତଣ୍ଟି
ଏଗୁଡାଙ୍କ ପାଗଳାମୀରେ ପିଲାଏ
ମୁଣ୍ଡ ଦେଉଥାନ୍ତି କୁଟି।

# ଭାରତ ସରକାରଙ୍କ ବଡ଼ ଘୋଷଣା: ପାସପୋର୍ଟ ନାଗରିକତାର ପ୍ରମାଣ ନୁହେଁ




ନୂଆଦିଲ୍ଲୀ, ୨୪।୬

ପାସପୋର୍ଟ କେବଳ ଭାରତୀୟ ନାଗରିକଙ୍କୁ ଜାରି କରାଯାଏ। କିନ୍ତୁ ବିଦେଶ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ପାସପୋର୍ଟ ନାଗରିକତା ପ୍ରମାଣ କରୁଥିବା ଦସ୍ତାବିଜ ନୁହେଁ। ୧୪ତମ ପାସପୋର୍ଟ ସେବା ଦିବସ ଅବସରରେ ହିଁ ମନ୍ତ୍ରଣାଳୟ ପକ୍ଷରୁ ଏପରି ସ୍ପଷ୍ଟୀକରଣ ଆସିଛି। ଏହି ବୟାନ ପରେ ସୋଶାଲ ମିଡିଆରେ ଭାରତରେ ନାଗରିକତାର ଚୂଡ଼ାନ୍ତ ପ୍ରମାଣ କ'ଣ ବୋଲି ତା'କୁ ନେଇ ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଛି। କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଏପର୍ଯ୍ୟନ୍ତ ସ୍ପଷ୍ଟ ମାନଦଣ୍ଡ ନିର୍ଦ୍ଧାରଣ କରି ନଥିବାରୁ ଏହାକୁ ନେଇ ବିତର୍କ ଜାରି ରହିଛି।

ବୁଧବାର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ପାସପୋର୍ଟ ମୁଖ୍ୟତଃ ସରକାରଙ୍କ ଦ୍ୱାରା ବିଦେଶ ଯାତ୍ରାକୁ ସୁଗମ କରିବା ପାଇଁ ଜାରି କରାଯାଉଥିବା ଏକ ଭ୍ରମଣ ଦସ୍ତାବିଜ। ତେଣୁ କେବଳ ପାସପୋର୍ଟ ଥିବା କାରଣରୁ ଜଣେ ବ୍ୟକ୍ତି ନାଗରିକତା ହାସଲ କରି ନେଇଛନ୍ତି ବୋଲି ଭାବିବା ଭୁଲ। ଏହା ଆଦୌ ନାଗରିକତାର ପରିଚୟପତ୍ର ନୁହେଁ ବୋଲି ମନ୍ତ୍ରଣାଳୟ କହିଛି।

କିନ୍ତୁ ଭାରତୀୟ ପାସପୋର୍ଟ ଦେଶର ନାଗରିକତା ହାସଲ କରି ନଥିବା ଲୋକଙ୍କୁ ଜାରି କରାଯାଏ ନାହିଁ। ପାସପୋର୍ଟ ମିଳିଲେ ମଧ୍ୟ ତାହା ଆପଣଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ପାସପୋର୍ଟର *(ପୃଷ୍ଠା ୭ରେ)*

# ପୁରୀ ରଥଯାତ୍ରା ପାଇଁ ୧୩ ଓଏଏସ୍ ଅଧିକାରୀ ନିଯୁକ୍ତ

ଭୁବନେଶ୍ୱର, ୨୪।୬

ନ୍ୟୁଜ୍ ବ୍ୟୁରୋ

ବିଶ୍ୱ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ପୁରୀ ରଥଯାତ୍ରାର ସୁରୁଖୁରୁ ସମ୍ପାଦନା ନିମନ୍ତେ ରାଜ୍ୟ ସରକାର ୧୩ଜଣ ଅତିରିକ୍ତ ଓଡ଼ିଶା ପ୍ରାଶାସନିକ ସେବା (ଓଏଏସ୍)ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି।

ବୁଧବାର ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ କାର୍ଯ୍ୟାଳୟ ନିର୍ଦ୍ଦେଶ ଅନୁସାରେ, ୧୩ ଜଣ ଓଏଏସ୍ ଅଧିକାରୀଙ୍କୁ ଅଫିସର ଅନ୍ ସ୍ପେସାଲ୍ ଡ୍ୟୁଟି (ଓଏସଡ଼ି) ଭାବେ ନିଯୁକ୍ତି ଦିଆଯାଇଛି। ସେମାନେ ଜୁନ୍ ୨୫ ତାରିଖରୁ ୨୭ ଜୁଲାଇ ଯାଏଁ ପୁରୀରେ ରହିବେ। ସ୍ନାନଯାତ୍ରା ଠାରୁ ରଥଯାତ୍ରର ସୁପରିଚାଳନା ନିମନ୍ତେ ଜିଲ୍ଲା ପ୍ରାଶାସନକୁ ସହଯୋଗ କରିବେ।

ନିଯୁକ୍ତି ପାଇଥିବା ଅଧିକାରୀମାନେ ହେଲେ, ଶୁଭନନ୍ଦ ମହାପାତ୍ର, ସୁଭାଷ ଚନ୍ଦ୍ର ନାଥଶର୍ମା, ବିଜୟ କୁମାର ସ୍ୱାଇଁ, ନୀତି ରଞ୍ଜନ ସେନ୍, ଦେବାଶୀଷ ପଟ୍ଟନାୟକ, ସୁବ୍ରତ କୁମାର ବେହେରା, ଜିତେନ୍ଦ୍ର କୁମାର ନାୟକ, ବିଜୟ କୁମାର ନାୟକ, ସୁବ୍ରତ କୁମାର ଜେନା, ବିଜୟ କୁମାର ବେହେରା, କିଶୋର କୁମାର ପଣ୍ଡା, ମନୋଜ କୁମାର ବେହେରା, ହେମନ୍ତ ଭାରୀମଲ୍ଲ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଜୁନ ୨୦୨୬ ଗୁରୁବାର





# କଟକ-ବାରବାଟୀ ନିର୍ବାଚନମଣ୍ଡଳୀର ବିକାଶ କାର୍ଯ୍ୟ ସମୀକ୍ଷା

**କଟକ, ନ୍ୟୁଜ୍ ବ୍ୟୁରୋ**




କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ବିଧାୟିକା ଇଂ ସୋଫିଆ ଫିରଦୋସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପୂର୍ବ ଅନୁମୋଦିତ କାର୍ଯ୍ୟ ସମ୍ପର୍କରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରାଯାଇଥିଲା। ବୈଠକରେ କଟକ ରିଙ୍ଗ ରୋଡ, ଚଣ୍ଡୀ ମନ୍ଦିର, ଚହଟା ଠାରୁ ମଧୁସୂଦନ ସେତୁ, ରେଭେନ୍ସା ବାଳିକା ବିଦ୍ୟାଳୟ, ରୂପା ତାରକସି ହବ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ରୂପା ତାରକସି ହବ୍ ତାରକସି କାରିଗରମାନଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି କରାଇବା ସହିତ ଉନ୍ନତ ବଜାର ସୁବିଧା ଯୋଗାଇଦେବାରେ ସହାୟକ ହେବ । ଏହି ପାରମ୍ପରିକ କଳାକୁ ଆଗକୁ ନେବାକୁ କାରିଗରମାନଙ୍କ ସହ ଆଲୋଚନା କରାଯାଇ ସେମାନଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ବୋଲି ମାନ୍ୟବର ବିଧାୟିକା ମତବ୍ୟକ୍ତ କରିଥିଲେ । ପର୍ଯ୍ୟଟନ କ୍ଷେତ୍ରରେ ବିକାଶ, ଗଡଖାଇର ଉନ୍ନତିକରଣ, ନିୟମିତ ରକ୍ଷଣାବେକ୍ଷଣ ଉପରେ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଶିଶୁଭବନର ଉନ୍ନତିକରଣ , ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବା, ଡାକ୍ତରଖାନାରେ ଛୁଟିଦିନ ଗୁଡିକରେ କିଭଳି ରୋଗୀସେବା ବାଧାପ୍ରାପ୍ତ ନହେବ ଏବଂ ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କହିଥିଲେ । ଡ୍ରେନେଜ ନବୀକରଣ ଓ ଡ୍ରେନେଜ ଯୋଗୁ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟାର କିଭଳି ତୁରନ୍ତ ସମାଧାନ ହୋଇପାରିବ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ନିର୍ବାଚନ ମଣ୍ଡଳୀର ସୌନ୍ଦର୍ଯ୍ୟକରଣ, ପାନୀୟଜଳ ଯୋଗାଣ, ବିଦ୍ୟୁତ ସେବା, ବୃକ୍ଷରୋପଣ, କ୍ରୀଡା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ଯନ୍ତ୍ରୀ ମାନଙ୍କ ସହ ଆଲୋଚନା କରି ଏହାର ତ୍ୱରିତ ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ଆବଶ୍ୟକ ସହାୟତା ଯୋଗାଇଦେବାକୁ ବିଭାଗୀୟ କର୍ମଚାରୀ ମାନଙ୍କୁ ବୈଠକରେ ମାନ୍ୟବର ବିଧାୟିକା ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ନାୟକ , ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର ,କଟକ ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ, ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ସଂଗୀତା ସାହୁ ଏବଂ ଉପନିର୍ଦ୍ଦେଶକ, ବିଶ୍ୱରଞ୍ଜନ ଦାଶଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବାରିପଦାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ମକ୍ଡ୍ରିଲ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**




ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ୱାର୍ଡ଼ ନଂ୯, ମଧୁବନ, ବାରିପଦା ଆନୁକୁଲ୍ୟରେ ଆଶ୍ରୟସ୍ଥଳୀ ସ୍ତରୀୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୟୂରଭଞ୍ଜ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱରଙ୍କ ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପୌରପରିଷଦ, ବାରିପଦା, ଆଶ୍ରୟସ୍ଥଳୀ ରକ୍ଷଣ ବେକ୍ଷଣ ଓ ପରିଚାଳନା ସମିତି ମଧୁବନ ୱାର୍ଡ଼ ନଂ୯ ଓ ସ୍ୱାର୍ଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଶ୍ରୟସ୍ଥଳୀର ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସାଧାରଣ ବୈଠକରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଯୋଗେନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା ଭାବେ ଆଶ୍ରୟ ସ୍ଥଳୀ ପରିଚାଳାନା କମିଟିର ବରିଷ୍ଠ ସଦସ୍ୟ ରଘୁନାଥ ପଣ୍ଡା, ସ୍ୱାର୍ଡ଼ା ସ୍ୱଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଅଗ୍ନିଶମ ବିଭାଗର ବିକାଶ କୁମାର ଦାସ, ସ୍ୱାର୍ଡ଼ା ଅନୁଷ୍ଠାନର କୋଷାଧକ୍ଷ ସଞ୍ଜୟ ଦ୍ୱାରି ପ୍ରମୁଖ ଯୋଗ ଦେଇଥିଲେ । ଏକ ଭୟଙ୍କର ଘୂର୍ଣ୍ଣି ଝଡ 'ଦାନା' ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇ ଓଡ଼ିଶା ଓ ପଶ୍ଚିମବଙ୍ଗ ମଝିରେ ପୁରୀ ଓ ସାଗର ଦୀପ ମଝିରେ ଗତି କରିବ ଓ ଏହାର ପ୍ରଭାବରେ ୧୯ ତାରିଖରୁ ଅତି ପ୍ରବଳ ବର୍ଷା ଓ ଭୂସ୍ଖଳନର ସମ୍ଭାବନା ଅଛି ତାହାରି ଉପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଲୋକମାନେ ବନ୍ୟା ସମୟରେ କିଭଳି ଭାବେ ପ୍ରସ୍ତୁତ ରହିବେ ଓ ଲୋକ ମାନଙ୍କୁ ନିରାପଦ ସ୍ଥାନକୁ ଅଣା ଯାଇ ପାରିବ, ସାପ କାମୁଡ଼ା ଓ ବଜ୍ର ପାତ ସମୟରେ କିଭଳି ଭାବେ ସଚେତନ ରହିବେ ସେ ସମ୍ପର୍କରେ ଅଗ୍ନିଶମ ବିଭାଗ ତରଫରୁ ତାଲିମ ଦିଆ ଯାଇଥିଲା । ଉକ୍ତ ବୈଠକରେ ଆଶ୍ରୟସ୍ଥଳୀର ସଭ୍ୟ ବସନ୍ତ କୁମାର ଦାସ, ରବୀନ୍ଦ୍ର ନାୟକ, ଶ୍ରୀଧର ପରିଡ଼ା, ନନୀ ଗୋପାଳ ମହାନ୍ତି, ଚନ୍ଦ୍ର ଶେଖର ମହାନ୍ତି, ହରିହର ମହାନ୍ତି, ଉପେନ୍ଦ୍ର ମାଝୀ, ଅଶ୍ୱିନୀ ପାତ୍ର ଓ ସ୍ୱର୍ଡା ଅନୁଷ୍ଠାନର ମୋହନ ମୁର୍ମୁ ତଥା ବିଭିନ୍ନ ଶ୍ରେଣୀର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ରଘୁନାଥ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ସୋମନାଥ ସ୍ୱାଭିମାନ ପର୍ବ ଯାତ୍ରା-୨୦୨୬ର ଶୁଭାରମ୍ଭ



**ସୁବର୍ଣ୍ଣପୁର , ନ୍ୟୁଜ୍ ବ୍ୟୁରୋ**

ଭାରତ ସରକାରଙ୍କ ସୋମନାଥ ସ୍ୱାଭିମାନ ପର୍ବ ଯାତ୍ରା-୨୦୨୬ ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲ୍ଲାର ୩୫ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଜିଲ୍ଲା ସଂସ୍କୃତି ଭବନଠାରୁ ଏକ ସ୍ୱତନ୍ତ୍ର ବସ୍ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟସ୍ଥିତ ପ୍ରସିଦ୍ଧ ସୋମନାଥ ମନ୍ଦିର ଦର୍ଶନ ପାଇଁ ଯାତ୍ରା କରିବେ। ଯାତ୍ରା ସମୟରେ ସେମାନଙ୍କର ସୁବିଧା, ସୁରକ୍ଷା ଓ ସହାୟତା ସୁନିଶ୍ଚିତ କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାରୁ ୩ ଜଣ ଏସ୍କର୍ଟ ମଧ୍ୟ ସେମାନଙ୍କ ସହ ଭୁବନେଶ୍ୱରକୁ ଯାତ୍ରା କରୁଛନ୍ତି। ସରକାରଙ୍କ ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ତୀର୍ଥଯାତ୍ରୀମାନଙ୍କୁ ଦେଶର ପ୍ରମୁଖ ଧାର୍ମିକ ସ୍ଥଳ ପରିଦର୍ଶନର ସୁଯୋଗ ପ୍ରଦାନ କରାଯାଉଛି। ଏହି ତୀର୍ଥଯାତ୍ରୀମାନଙ୍କର ଆସନ୍ତା ୨୧ ଜୁନ୍‌ରେ ପ୍ରତ୍ୟାବର୍ତ୍ତନ କରିବାର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ବହୁ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ମନ୍ଦିର ପରେ ଡକାୟତଙ୍କ ଟାର୍ଗେଟ୍‌ରେ ବିଦ୍ୟା ମନ୍ଦିର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଗତ ଦୁଇ ବର୍ଷ ହେବ ବିଭିନ୍ନ ଦେବଦେବୀଙ୍କ ମନ୍ଦିର ଓ ପ୍ରମୁଖ ପୀଠରୁ ଚୋର ଗ୍ୟାଙ୍ଗ କଳାକନା ବୁଲାଇ ବିଭିନ୍ନ ଅଳଙ୍କାର, ହୁଣ୍ଡି ଏବଂ ଟଙ୍କା ଚୋରି କରିନେବା ଭଳି ଘଟଣା ନଜରକୁ ଆସିଛି । ଅନେକ ଘଟଣାରେ ଅଭିଯୁକ୍ତ ଏଯାବତ୍ ଧରା ପଡ଼ିନାହାନ୍ତି। ହେଲେ ଏଭଳି ପରିସ୍ଥିତିରେ ଏବେ ଚୋର ଗ୍ୟାଙ୍ଗ ଦେବଦେବୀଙ୍କ ମନ୍ଦିର ପରେ ବିଦ୍ୟା ମନ୍ଦିର ତଥା ବିଦ୍ୟାଳୟକୁ ଟାର୍ଗେଟ୍ କରିବା ଆରମ୍ଭ କରିବା ଜିଲ୍ଲା ଶିକ୍ଷା ବିଭାଗ ଓ ପୋଲିସର ନିଦ ହଜାଇଦେଇଛି । ବିଶେଷ କରି ସରକାରୀ ବିଦ୍ୟାଳୟ ଗୁଡ଼ିକରୁ କିଛି ଦିନ ବ୍ୟବଧାନରେ ଲକ୍ଷାଧିକ ଟଙ୍କାର ବୈଦ୍ୟୁତିକ ଉପକରଣ ଏବଂ ଆସବାବ ପତ୍ର ଚୋରି କରୁଥିବା ଦେଖିବାକୁ ମିଳିଛି। ଫଳରେ ବିଦ୍ୟାଳୟ ଗୁଡ଼ିକର ସୁରକ୍ଷା ଉପରେ ବର୍ତ୍ତମାନ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କିଛି ଶିକ୍ଷାନୁଷ୍ଠାନରେ ଢ଼ିଲା ସୁରକ୍ଷା ବ୍ୟବସ୍ଥା କାରଣରୁ ଏଭଳି ବାରମ୍ବାର ଘଟୁଥିବା ଅଭିଯୋଗ ହୋଇଛି । କେବଳ ଏତିକି ନୁହେଁ, ଅଣ୍ଟି ଛୁରୀ ତଣ୍ଟି କାଟେ ନ୍ୟାୟରେ ବିଦ୍ୟାଳୟରେ କର୍ମଚାରୀଙ୍କ ସମ୍ପୃକ୍ତି ବି ଜଣାପଡ଼ିଛି । ଗତ ମାସରେ ବୁଗୁଡ଼ା ବ୍ଲକ୍ କରସିଙ୍ଗିସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସାମଗ୍ରୀକୁ ଚୋରି କରୁଥିବା ସମୟରେ ଜଣେ କର୍ମଚାରୀଙ୍କୁ ଗ୍ରାମବାସୀ କାବୁ କରିଥିଲେ । ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ୍ ଅଧୀନ ଉତ୍କଳମଣି କ୍ଲଷ୍ଟର ବିଜିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ କମ୍ପ୍ୟୁଟର ଚୋରି, ସୁବୁଦ୍ଧିଦେବୀ କ୍ଲଷ୍ଟର ହରିଡ଼ାଖଣ୍ଡି ୟୁପି ସ୍କୁଲରୁ ବିଦ୍ୟୁତ୍ ତାର ସହ ପିତଳ ସାମଗ୍ରୀ ଚୋରି, ଫୁଲ୍‌ଟା କ୍ଲଷ୍ଟରର ମା' ନାରାୟଣୀ ଉଚ୍ଚ ବିଦ୍ୟାପୀଠରୁ ଆସବାବ ପତ୍ର ଚୋରୀ, ମଦର ସରୋଜିନୀ ଉଚ୍ଚ ବିଦ୍ୟାଳୟ ଓ ୧୩୨ କେଭି ଲାଇନ୍ ବିଦ୍ୟାଳୟରୁ ବୈଦ୍ୟୁତିକ ଉପକରଣ ଚୋରି ମାମଲା ଶିକ୍ଷା ବିଭାଗର ମୁଣ୍ଡ ବିନ୍ଧା ବଢ଼ାଇଦେଇଛି । କମ୍ପ୍ୟୁଟରରୁ ଆରମ୍ଭ କରି ଅନ୍ୟାନ୍ୟ ଉପକରଣ ଚୋରି କରି ପୋଲିସ ନିକଟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି । ତଥାପି ଅଭିଯୁକ୍ତ ଧରାପଡ଼ିପାରୁନାହାନ୍ତି । ସରକାରୀ ସୂଚନାପ୍ରକାରେ ଗଞ୍ଜାମ ଜିଲ୍ଲାରେ ୧୬୭୬ ପ୍ରାଥମିକ ବିଦ୍ୟାଳୟ, ୯୪୨ ଉଚ୍ଚ ପ୍ରାଥମିକ, ୬୩୮ ଉଚ୍ଚ ବିଦ୍ୟାଳୟ ଓ ୩୭୪ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି । ଗତବର୍ଷ ବିଧାନସଭା ଅଧିବେଶନରେ ଶିକ୍ଷା ବିଭାଗ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ୪୧ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ନଥିବା ବେଳେ ୪୮ଟି ରେ ସୁରକ୍ଷା ପାଚେରୀ ନାହିଁ । ଫଳରେ ଚୋର ଗ୍ୟାଙ୍ଗ ସେମାନଙ୍କ ଯୋଜନାକୁ ରୂପ ଦେବାରେ ସଫଳ ହେଉଛନ୍ତି । ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଲକ୍ଷାଧିକ ଟଙ୍କାର ଅତ୍ୟାଧୁନିକ ଉପକରଣ ରହିଥିବାରୁ ଏହାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ ସହ ସିସି କ୍ୟାମେରା ଓ ରାତ୍ରଜଗୁଆଳ ନିଯୁକ୍ତି କରିବାକୁ ପୁରାତନ ବିଦ୍ୟାର୍ଥୀ ଓ ଶିକ୍ଷାବିତ୍ ମାନେ ଦାବି କରିଛନ୍ତି।

# ମହାବିଦ୍ୟାଳୟ ଏନ୍‌ସିସି ର୍ୟାଙ୍କ ପ୍ରମୋସନ୍ ସମାରୋହ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ମହାବିଦ୍ୟାଳୟ ଏନ୍‌ସିସି ୨୦୨୬-୨୭ ବର୍ଷ ପାଇଁ ନିର୍ବାଚିତ କ୍ୟାଡ଼େଟ ମାନଙ୍କ ର୍ୟାଙ୍କ ପ୍ରମୋସନ୍ (ପିପିଙ୍ଗ) ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ହରପ୍ରିୟା ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ସିସି କଟକ ୧ବାଟାଲିଅନ୍‌ର ଜେସିଓ ସୁବେଦାର ସନ୍ଦୀପ ପାଟିଲ ଅତିଥି ଭାବେ ଯୋଗଦେଇ ନବ ନିଯୁକ୍ତ କ୍ୟାଡ଼େଟ ମାନଙ୍କୁ ସେମାନଙ୍କ ପଦବୀର ମର୍ଯ୍ୟାଦା, ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେବା ସହିତ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।ଏହି ଅବସରରେ କ୍ୟାଡ଼େଟ ସ୍ୱାତୀ ସୋମାଲିନୀଙ୍କୁ ସିନିୟର ଅଣ୍ଡର ଅଫିସର ଓ ସୁଶାନ୍ତ ପରିଡ଼ା ଓ ସୁଭାଶ୍ରୀ ମହାନ୍ତିଙ୍କୁ ଜୁନିୟର ଅଣ୍ଡର ଅଫିସର ଭାବେ ପଦୋନ୍ନତି ଦିଆ ଯିବା ସହିତ ନୂତନ ଦାୟିତ୍ୱକୁ ନିଷ୍ଠା, ଶୃଙ୍ଖଳା ଓ କର୍ତ୍ତବ୍ୟ ପରାୟଣତା ସହ ପାଳନ କରିବା ପାଇଁ ସଙ୍କଳ୍ପ ପ୍ରଦାନ କରାଯାଇଥିଲା । ମହାବିଦ୍ୟାଳୟର ଏନ୍‌ସିସି ଅଫିସର ରତିକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପକ ଦୀପକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




# ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା

**କେନ୍ଦୁଝର , ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସରକାରୀ ଉଚ୍ଚବିଦ୍ୟାଳୟ ମୋଚିବନ୍ଧ ରେ ସମଗ୍ର ଜିଲ୍ଲା ର ଛାତ୍ର ଛାତ୍ରୀଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନିରୋଗ ଓ ସୁସ୍ଥ ରହିବାପାଇଁ ଯୋଗଶିର୍ଷକରେ ଡିବେଟ ରଚନା ଚିତ୍ରାଙ୍କନ ଓ ସ୍ଲୋଗାନଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନରେ ଚୟନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଇ ସଂକଳ୍ପ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରୀଡ଼ାଅଧିକାରୀ ସରୋଜ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବରେ ଯୋଗଦେଇ ନିୟମିତ ବ୍ୟାୟାମ କରିବା ସହିତ ଜଙ୍କ ଫୁଡ୍ ନ ଖାଇବା ପାଇଁ ଛାତ୍ର ଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ଅତିରିକ୍ତ ଜିଲ୍ଲା ଅଧିକାରୀ ସମସ୍ତ ପ୍ରତିଯୋଗୀକୁ ଧନ୍ୟବାଦ ଦେବା ସହ ଯୋଗ୍ୟତା ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ଶୃଙ୍ଖଳିତ ଭାବରେ ନିୟମିତ ବ୍ୟାୟାମ କରିବାପାଇଁ ପରାମର୍ଶ ଦେଇଥିଲେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିତୀକ୍ରିଷ୍ଣ ବେହେରା ଓ ମଧୁସୁଦନ ମିଶ୍ର ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଯୋଗର ଆବଶ୍ୟକତା ଓ ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶାନ୍ତନୁକୁମାର ମହାପାତ୍ର ଫକୀର ମୋହନ ମହାନ୍ତ ଘନଶ୍ୟାମ ମହାନ୍ତ ପ୍ରଶାନ୍ତ ସେନାପତି ଉପସ୍ଥିତ ରହିସୁପରିଚାଳନା କରିଥିଲେ। ସର୍ବଶେଷରେ ଶିକ୍ଷୟିତ୍ରୀ ତେଜସ୍ୱିନୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରଙ୍କ ୨ବର୍ଷ ପୂର୍ତ୍ତି ସଫଳତା ଉପସ୍ଥାପନା କଲେ ମୁଖ୍ୟ ସଚେତକ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଓଡିଶା ବିଧାନସଭାର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଏକ ସମୀକ୍ଷା ବୈଠକ ଓ ଏକ ସାମ୍ବାଦିକ ସମ୍ମିଳନୀର ଅୟୋଜନ କରି ଉଭୟ ସରକାରଙ୍କ ଜନ କଲ୍ୟାଣ ଯୋଜନା ଓ ସଫଳତା ଉପରେ ଆଲୋକପାତ କରିଥିଲେ । ଏହିଅବସରରେ ସେ ସମସ୍ତ ବିଭାଗର ସମୀକ୍ଷା ମଧ କରି ଥିଲେ। ଜିଲ୍ଲା ତଥା ରାଜ୍ୟ ରେ ଦେଖା ଦେଇଥିବା ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କୃଷି, ନିଯୁକ୍ତି , ପାନୀୟ ଜଳ, ଗମନା ଗମନ ଓ ପୌର ପରିଷଦର ଅବ୍ୟବସ୍ଥା, ବାର୍ଦ୍ଧକ୍ୟ ଭତ୍ତା ସମସ୍ୟା ଉପରେ ସାମ୍ବାଦିକମାନେ ବିଭିନ୍ନ ପ୍ରଶ୍ନ କରିଥିବା ବେଳେ ଏ ସବୁ ସମସ୍ୟାର ସମାଧାନ ପାଇଁ ଆମ ସରକାର ଖୁବ୍ ଶୀଘ୍ର ପଦକ୍ଷେପ ନେବାକୁ ଯାଉଛି ବିଶେଷ କରି ଶିକ୍ଷା ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ସଂସ୍କାର ଆଣିବାକୁ ଆମ ସରକାର ସଂକଳ୍ପବଦ୍ଧ ବୋଲି କହିଥିଲେ । ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଏସ୍‌ପି ଶ୍ରୀ ନାରାୟଣ ନାଏକ ଓ ଉଭୟ ଏ ଡି ଏମଙ୍କ ଉପସ୍ଥିତି ରେ ଅନୁଷ୍ଠିତ ସମୀକ୍ଷା ବୈଠକ ରେ ମୁଖ୍ୟ ସଚେତକ ଶ୍ରୀ ପ୍ରଧାନଙ୍କ ସହିତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରି ଉପସ୍ଥିତ ଥିବା ବେଳେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ବିଜେପି ଜିଲ୍ଲା ସଭାପତି ବେଣୁ ଧର ଦାଶ, ବରିଷ୍ଠ ବିଜେପି ନେତା ଅଶୋକ ପୂଜାରୀ, ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର ପ୍ରମୁଖ ଆୟୋଜିତ ଏହି ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀ ରେ ଉପସ୍ଥିତ ଥିଲେ ।

# ବ୍ୟାପକ ଗଞ୍ଜେଇ ଚୋରା ଚ଼ାଲାଣ ରୋକିବ ପୋଲିସ ଆଉଟ୍‌ପୋଷ୍ଟ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ମହାନଦୀ ବ୍ରିଜ ଛକ ନିକଟରେ ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ନିର୍ମିତ ପୋଲିସ ଆଉଟପୋଷ୍ଟକୁ ଉଦଘାଟନ କରିଛନ୍ତି ଆରକ୍ଷୀ ଅଧୀକ୍ଷକ କୁଲଦୀପ୍ ମୀନା। ବୌଦ୍ଧ ମହାନଦୀ ବ୍ରିଜ ଛକ ଦକ୍ଷିଣ ଓଡିଶା ଓ ପୂର୍ବ ଓଡିଶା ସହ ପଶ୍ଚିମ ଓଡ଼ିଶାକୁ ସଂଯୋଗର ପଥ ହୋଇଥିବା ବେଳେ ଉକ୍ତ ରାସ୍ତା ଦେଇ ବ୍ୟାପକ ଗଞ୍ଜେଇ ଚୋରା ଚ଼ାଲାଣ ହୋଇଥାଏ । ତେଣୁ ବୌଦ୍ଧ ପୋଲିସ ପକ୍ଷରୁ ଏଠାରେ ୨୪ ଘଣ୍ଟା ନାକାବନ୍ଦୀ କରାଯାଇଥାଏ। ପୋଲିସ୍ କର୍ମଚ଼ାରୀ ଖରା ବର୍ଷା ଓ ଶୀତରେ ଜଗୁଥିବା ବେଳେ ସେମାନଙ୍କ ବିଶ୍ରାମ ପାଇଁ ଉକ୍ତ ପୋଲିସ୍ ଆଉ ପୋଷ୍ଟ କାମରେ ଆସିବ ବୋଲି ଆରକ୍ଷୀ ଅଧୀକ୍ଷକ ପ୍ରକାଶ କରିଥିଲେ । ଉଦଘାଟନ ସମୟରେ ଉପଖଣ୍ଡ ପୋଲିସ ଅଧିକାରୀ ଲରେନ୍‌ସ ରାଉତରାୟ, ବୌଦ୍ଧ ଆଇଆଇସି ନଳିନୀ କାନ୍ତ ଦାସ, ଏଏସଆଇ ଶୂନ୍ୟବାସୀ ସାହୁ, ଜିଲ୍ଲା ହାବିଲଦାର୍ ଓ କନେଷ୍ଟବଳ ସଂଘ ସଭାପତି ବୁଲୁ କୁମାର ମିଶ୍ର, ହାବିଲଦାର୍ ରଞ୍ଜନ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ନିମାପଡ଼ାରେ ପାଲା ମହୋତ୍ସବ ଉଦ୍‌ଯାପିତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ନିମାପଡ଼ା ଗ୍ରାମରେ ଆୟୋଜିତ ପ୍ରାଚୀନ ସତ୍ୟନାରାୟଣ ବାଦିପାଲା ଉଦ୍‌ଯାପିତ ହୋଇ ଯାଇଛି ।ଦୀର୍ଘ ୫ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଭାଗବତ ପ୍ରଚାର ସମିତି ମୁରବୀ ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀ ଓ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ, ସମାଜସେବୀ ରଜନୀକାନ୍ତ ମହାନ୍ତି,ସ୍ଥାନୀୟ ସରପଞ୍ଚ ସୋଫିଆ ବିବି,ନରେନ୍ଦ୍ର ରାଉତରାୟ,ଗାୟକ ବିଚିତ୍ରାନନ୍ଦ ପଣ୍ଡା,ସମିତିସଭ୍ୟ ସୁକାନ୍ତ କୁମାର ଜେନା,ଚନ୍ଦ୍ର ଶେଖର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପାଲା ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ସୁନାମଧନ୍ୟ ପାଲାକାର ଖଗେଶ୍ୱର ମାର୍ଥା ଚିତାକର୍ଷକ ପାଲା ପରିବେଷଣ କରିଥିଲେ। ଗ୍ରାମ୍ୟ ସଂସ୍କୃତି ପାଲା ପରମ୍ପରାକୁ ଆଧାର କରି ଆୟୋଜିତ ଦୋଳି, ପୁଚି,ଢ଼ଗ ଢ଼ମାଳି, ସଂଗୀତ ଆଦି ପ୍ରତିଯୋଗିତାର ବିଜୟୀ ପିଲା ମାନଙ୍କୁ ପୁରସ୍କୃତ କରା ଯାଇଥିଲା ।ବିଜୟ ସ୍ୱାଇଁ, ଧୃଷ୍ଟନ୍ତ ନାୟକ,ସୁଶାନ୍ତ ଭୁୟାଁ ଓ ଗ୍ରାମ ଯୁବକସଂଘର ସଦସ୍ୟ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସ.ଆଇ.ଆର ଭୋଟର ସଚେତନତା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଆହ୍ୱାନ

**କଟକ, ନ୍ୟୁଜ୍ ବ୍ୟୁରୋ**




(ଏସ.ଆଇ.ଆର) କାର୍ଯ୍ୟକ୍ରମକୁ ଅଧିକ ସଫଳ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ "No Eligible Elector To Be Left Behind" "କୌଣସି ବି ଯୋଗ୍ୟ ଭୋଟର ବାଦ ପଡିବେ ନାହିଁ" ଶୀର୍ଷକ ଏକ ରାଜ୍ୟସ୍ତରୀୟ ଭୋଟର ସଚେତନତା ପ୍ରତିଯୋଗିତା ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ କମଳଜିତ ଦାସ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରି ଅଧିକରୁ ଅଧିକ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରତିଯୋଗିତା ମେ ୩୦ ତାରିଖରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ଲୋଗାନ, ସ୍କିଟ୍ ଓ ରିଲ୍ ମେକିଂ ପ୍ରତିଯୋଗିତା ମାଧ୍ୟମରେ ଯୁବପିଢ଼ୀଙ୍କ ରୁଚିକୁ ପ୍ରୋତ୍ସାହିତ କରାଯିବା ସହ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଗୁରୁତ୍ୱ ସମ୍ପର୍କରେ ଭୋଟରମାନଙ୍କୁ ସଚେତନ କରାଯିବ। ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡିକୁ ପ୍ରତିଯୋଗିତା ବିଷୟରେ ଅବଗତ କରାଇବା, ଛାତ୍ରଛାତ୍ରୀଙ୍କୁ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବା ଏବଂ ଶିକ୍ଷାନୁଷ୍ଠାନରେ ଗଠିତ ଇଲେକ୍ଟୋରାଲ୍ ଲିଟରେସି କ୍ଲବ୍ ଗୁଡ଼ିକୁ ଏହି କାର୍ଯ୍ୟରେ ସକ୍ରିୟ ଭାବେ ନିୟୋଜିତ କରିବାକୁ କୁହାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ ଏହି ଭୋଟର ସଚେତନତା ପ୍ରତିଯୋଗିତାରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବାକୁ ଆହ୍ୱାନ କରାଯାଇଛି। ପ୍ରତିଯୋଗୀତା ସମ୍ବନ୍ଧୀୟ ଅଧିକ ସୂଚନା ceoodisha.nic.in ୱେବସାଇଟରେ ପାଇପାରିବେ।

# ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ତିନିଦଫା ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଚମେଲୀ ଓଝାଙ୍କୁ ନ୍ୟାୟ ଦେବା ପାଇଁ ଏକ ୩ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ତିଖିରିର ମହିଳା ସରପଞ୍ଚ ଚମେଲୀ ଓଝାଙ୍କ ଉପରେ ହୋଇଥିବା ଉଦ୍ଦେଶ୍ୟମୂଳକ ଭାବେ ମକଦ୍ଦମା ଓ ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହିତ ତାଙ୍କୁ ନ୍ୟାୟ ଦେବାପାଇଁ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ତିଖିରି ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ଅର୍ଥକୁ ତୁରନ୍ତ ପ୍ରଦାନ କରିବା, ସରପଞ୍ଚଙ୍କ ବିରୋଧରେ ଷଡଯନ୍ତ୍ର କରି ତାଙ୍କୁ ମିଥ୍ୟା ମକଦ୍ଦମାରେ ଫସାଇଥିବା ସରକାରୀ ଅଧିକାରୀ ଓ ରାଜନୈତିକ ନେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବା ସହିତ ସରପଞ୍ଚ ଚମେଲୀ ଓଝାଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତିର କୋଷାଧ୍ୟକ୍ଷ ତାପସୀ ପ୍ରହରାଜ, ରାଜ୍ୟ ସମ୍ପାଦକ ସୁରଜିତା ନାୟକଙ୍କ ସହ କବିତା ନାୟକ, ଚିନ୍ମୟୀ ରାଉତ ଓ ସିପିଆଇଏମ୍‌ର ବରିଷ୍ଠ ନେତା ଗୟାଧର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାକୁ ଶିଶୁ ଶ୍ରମିକମୁକ୍ତ କରିବାକୁ ନେଇ ଆଲୋଚନା

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ଶିଶୁ ଶ୍ରମିକ ନିରାକରଣ ସଚେତନତା

ସୁନ୍ଦରଗଡ଼ ଜିଲ୍ଲାରେ ଚାଲିଥିବା ୧୫ ଦିନିଆ ଶିଶୁ ଶ୍ରମିକ ନିରାକରଣ ଅଭିଯାନର ଅଂଶ ସ୍ୱରୂପ ଏକ ଶିଶୁ ଶ୍ରମିକ ନିରାକରଣ ସଚେତନତା ସଭା ଗୁରୁବାର ଦିନ ରାଉରକେଲା ମହାନଗର ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆରଏମସିର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ନିରାକରଣ ସହିତ ସେମାନଙ୍କର ପୁନଃଥଇଥାନ ଓ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ମିଳିତ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷା ସୁମି ଓରାମ, ଚାମ୍ବର ଅଫ୍ କମର୍ସ ଜନସମ୍ପର୍କ ଅଧିକାରୀ ସନ୍ଦୀପ ଗୌତମ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଜିଲ୍ଲା ସମନ୍ୱୟକ ଆକାଶ ପାତ୍ର, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ଜେନା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁନ୍ନିତା କିସାନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦର୍ଶନୀ ଏକ୍କା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହାବ୍ୟତୀତ ଶିଶୁ କଲ୍ୟାଣ କମିଟିର ସଦସ୍ୟବୃନ୍ଦ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ଶିଳ୍ପ ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନେ ସଭାରେ ଅଂଶଗ୍ରହଣ କରିଥିଲେ। ସଭାରେ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ, ଶିଶୁମାନଙ୍କ ଅଧିକାର ସୁରକ୍ଷା, ଶିଶୁ ସୁରକ୍ଷା ବ୍ୟବସ୍ଥା ଏବଂ ଶିଶୁ ଶ୍ରମିକ ନିଯୁକ୍ତି ସମ୍ବନ୍ଧୀୟ ଆଇନଗତ ଦଣ୍ଡବିଧାନ ସମ୍ପର୍କରେ ବିସ୍ତୃତ ସଚେତନତା ସୃଷ୍ଟି କରାଯାଇଥିଲା। ଏହା ସହିତ ଜିଲ୍ଲାକୁ କିପରି ଶିଶୁ ଶ୍ରମିକମୁକ୍ତ କରାଯାଇପାରିବ, ସେନେଇ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

# ଶିଶୁମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଆହ୍ୱାନ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**




ଶିଶୁ ଶ୍ରମିକ ପ୍ରଥା ନିରାକରଣ,ଶିଶୁ ଅଧିକାର ସୁରକ୍ଷା ଏବଂ ଶିଶୁମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱତନ୍ତ୍ର ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଶ୍ରୀ ରଘୁରାମ ଆର ଆୟର ପତାକା ଦେଖାଇ ଏହି ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଆୟର କହିଥିଲେ ଯେ,ଶିଶୁ ଶ୍ରମିକ ପ୍ରଥା ସମାଜ ପାଇଁ ଏକ ଗୁରୁତର ସମସ୍ୟା। ପ୍ରତ୍ୟେକ ଶିଶୁର ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ସୁସ୍ଥ ବିକାଶର ଅଧିକାର ରହିଛି। ଶିଶୁମାନଙ୍କୁ ଶ୍ରମରେ ନିୟୋଜିତ ନ କରି ସେମାନଙ୍କୁ ବିଦ୍ୟାଳୟମୁଖୀ କରିବା ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଅନନ୍ତ ପଦ୍ମନାଭ ମହମନସିଂଙ୍କ ସମେତ ଶ୍ରମ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ମହମନସିଂ ଶିଶୁ ଶ୍ରମିକ ନିଷେଧ ଓ ନିୟନ୍ତ୍ରଣ ଆଇନ, ଶିଶୁ ସୁରକ୍ଷା ବ୍ୟବସ୍ଥା ଏବଂ ଏହି ସଚେତନତା ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।ଏହି ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ, ଗ୍ରାମ ପଞ୍ଚାୟତ ଏବଂ ବିଭିନ୍ନ ଜନବହୁଳ ସ୍ଥାନ ପରିକ୍ରମା କରିବ। ରଥ ମାଧ୍ୟମରେ ପ୍ରଚାର ସାମଗ୍ରୀ ଏବଂ ସଚେତନତାମୂଳକ ସନ୍ଦେଶ ଜରିଆରେ ଶିଶୁ ଶ୍ରମିକ ପ୍ରଥାର କୁପ୍ରଭାବ, ଶିଶୁମାନଙ୍କର ମୌଳିକ ଅଧିକାର, ଶିକ୍ଷାର ଗୁରୁତ୍ୱ ଏବଂ ଶିଶୁ ଶ୍ରମିକ ନିୟୋଜନର ଆଇନଗତ ପରିଣାମ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଯିବ ।ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ପ୍ରଥା ନିରାକରଣ ଦିଗରେ ଜନସାଧାରଣ, ନିଯୁକ୍ତିଦାତା, ସ୍ୱେଚ୍ଛାସେବୀ ସଂଗଠନ ଏବଂ ବିଭିନ୍ନ ଅନୁଷ୍ଠାନର ସକ୍ରିୟ ସହଯୋଗ କାମନା କରାଯାଇଛି । ଏହି ସଚେତନତା ଅଭିଯାନ ଜିଲ୍ଲାରେ ଶିଶୁ ଶ୍ରମିକ ପ୍ରଥା ହ୍ରାସ କରିବା ସହ ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶିକ୍ଷାନୁକୂଳ ପରିବେଶ ସୃଷ୍ଟିରେ ସହାୟକ ହେବ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତୀୟ ଶେୟାର ବଜାରରେ ହାହାକାର

ଅନ୍ତର୍ଜାତୀୟ ବଜାରରେ ଦେଖାଦେଇଥିବା ଘନ ଅସ୍ଥିରତା ଏବଂ ଭୂ-ରାଜନୈତିକ ସଙ୍କଟର ସିଧାସଳଖ ପ୍ରଭାବ ଭାରତୀୟ ସେୟାର ବଜାର ଉପରେ ପଡ଼ିଛି । ମଙ୍ଗଳବାର କାରବାରରେ ପୁଞ୍ଜି ବଜାରରେ ଏକ ବଡ଼ ଧରଣର ବିପର୍ଯ୍ୟୟ ଦେଖିବାକୁ ମିଳିଛି । ମାତ୍ର ଗୋଟିଏ ଦିନର କାରବାରରେ ନିବେଶକମାନେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (BSE) ରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ୍ ବଜାର ପୁଞ୍ଜି ୫.୭୭ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ପ୍ରାୟ ୪୭୪ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି । ମଙ୍ଗଳବାର କାରବାର ଶେଷ ସୁଦ୍ଧା ବଜାରର ଦୁଇ ପ୍ରମୁଖ ସୂଚକାଙ୍କରେ ବଡ଼ ହ୍ରାସ ରେକର୍ଡ କରାଯାଇଛି। ବିଏସ୍‌ଇ ସେନସେକ୍ସ ୮୯୩.୩୯ ପଏଣ୍ଟ (ପ୍ରାୟ ୯୦୦ ପଏଣ୍ଟ) ଖସିଆସି ୭୬,୨୦୦.୬୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି । ଏନ୍‌ଏସ୍‌ଇ ନିଫ୍ଟି ଅନୁରୂପ ଭାବେ ନିଫ୍ଟି ମଧ୍ୟ ୨୭୯ ପଏଣ୍ଟ ହ୍ରାସ ପାଇ ୨୩, ସୂଚକାଙ୍କ ଅନୁଯାୟୀ ୨୩,୮୨.୧୦ ପଏଣ୍ଟରେ କାରବାର ଶେଷ କରିଛି। ଏହି ବଜାର ପତନରେ ବିଶେଷ କରି ଆଇଟି ଏବଂ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ସେୟାର ଚାପରେ ରହିଥିଲା। ବିଏସ୍‌ଇରେ ସବୁଠାରୁ ଅଧିକ କ୍ଷତି ସହିଥିବା ପ୍ରମୁଖ କମ୍ପାନୀଗୁଡ଼ିକ ମଧ୍ୟରେ ଟିସିଏସ୍, ଟାଟା ଷ୍ଟିଲ୍, ବିଇଏଲ୍, ଆଦାନୀ ପୋର୍ଟସ ରହିଛନ୍ତି । ଏହି ସମସ୍ତ ବଡ଼ କମ୍ପାନୀଗୁଡ଼ିକର ସେୟାର ମୂଲ୍ୟରେ ୩.୫% ପର୍ଯ୍ୟନ୍ତ ବଡ଼ ହ୍ରାସ ଦେଖିବାକୁ ମିଳିଛି । ବଜାର କ୍ରାଶ୍ ହେବାର ୪ଟି ମୁଖ୍ୟ କାରଣ: ଅର୍ଥନୈତିକ ବିଶେଷଜ୍ଞଙ୍କ ମତରେ ବଜାରରେ ଏଭଳି ହାହାକାର ପଛରେ କେତେକ ପ୍ରମୁଖ ଆନ୍ତର୍ଜାତୀୟ ଓ ସ୍ଥାନୀୟ କାରଣ ରହିଛି । ୧. ବିଶ୍ୱ ବଜାରରୁ ମିଳିଥିବା ଦୁର୍ବଳ ସଙ୍କେତ ଏସୀୟ ବଜାର, ବିଶେଷ କରି ଦକ୍ଷିଣ କୋରିଆର ସୂଚକାଙ୍କ 'କୋସ୍ପି' ସହିତ ଅନ୍ୟାନ୍ୟ ପ୍ରମୁଖ ଆନ୍ତର୍ଜାତୀୟ ବଜାରରେ ବଡ଼ ଧରଣର ପତନ ଘଟିଥିଲା। ବିଶ୍ୱ ବଜାରର ଏହି ମାନ୍ଦାବସ୍ଥା ଭାରତୀୟ ସେୟାର ବଜାରକୁ ମଧ୍ୟ ନିଜ ସହ ତଳକୁ ଟାଣି ଆଣିଛି । ୨. ଆଇଟି ଓ ଟେକ୍ନୋଲୋଜି ଷ୍ଟକ୍‌ରେ ବିକ୍ରି ଚାପ ଟେକ୍ନୋଲୋଜି ଏବଂ ଆଇଟି ସେକ୍ଟରର ସେୟାରଗୁଡ଼ିକରେ ବ୍ୟାପକ ବିକ୍ରି ଦେଖିବାକୁ ମିଳିଥିଲା । ଟିସିଏସ୍ ଭଳି ପ୍ରତିଷ୍ଠିତ ଆଇଟି ସଂସ୍ଥାରେ ହ୍ରାସ ଯୋଗୁଁ ସୂଚକାଙ୍କ ଉପରେ ପ୍ରବଳ ଚାପ ସୃଷ୍ଟି ହୋଇଥିଲା । ୩. ମଧ୍ୟପ୍ରାଚ୍ୟ ସଙ୍କଟ ଓ କ୍ରୁଡ୍ ଅଏଲ୍ ମହଙ୍ଗା। ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଲାଗି ରହିଥିବା ଅସ୍ଥିରତା ଓ ଯୁଦ୍ଧ ପରିସ୍ଥିତି ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି । ଏହା ଭାରତ ଭଳି ଆମଦାନୀକାରୀ ଦେଶ ପାଇଁ ମୁଦ୍ରାସ୍ଫୀତି ଚିନ୍ତା ବଢ଼ାଇ ଦେଇଛି। ୪. ଆମେରିକା ଫେଡେରାଲ୍ ରିଜର୍ଭର ସୁଧହାର ଚେତାବନୀ ତୈଳ ଦର ବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ 'ଫେଡେରାଲ୍ ରିଜର୍ଭ' ଆଗାମୀ ଦିନରେ ସୁଧ ହାର ବଢ଼ାଇପାରେ ବୋଲି ବଜାରରେ ଆଶଙ୍କା ପ୍ରକାଶ ପାଇଛି । ଏହି ଅନୁମାନ ଯୋଗୁଁ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି, ଯାହା ପତନର ଅନ୍ୟ ଏକ ବଡ଼ କାରଣ ସାଜିଛି। ଗୋଟିଏ ପଟେ ବିଶ୍ୱସ୍ତରୀୟ ଆର୍ଥିକ ଅନିଶ୍ଚିତତା ଏବଂ ଅନ୍ୟପଟେ ଘରୋଇ ବଜାରରେ ମୁଦ୍ରାସ୍ଫୀତିର ଭୟ ଯୋଗୁଁ ନିବେଶକମାନେ ଏବେ ସତର୍କତା ଅବଲମ୍ବନ କରୁଛନ୍ତି । ବଜାରର ଏହି ଅସ୍ଥିର ସ୍ଥିତି ଆଉ କିଛି ଦିନ ଜାରି ରହିପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି ।

# ପୁଞ୍ଜିପତିଙ୍କ ହାତରେ ଖାଦ୍ୟ ସୁରକ୍ଷା



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

ଭାରତର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା। ଭାରତର କୃଷକ, ସରକାରୀ କ୍ରୟ ବ୍ୟବସ୍ଥା ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ର ମଜଭୁତ ନେଟଓ୍ୱାର୍କ ଉପରେ ଆଧାରିତ ଥିଲା। ମରୁଡି, ମହାମାରୀ, ଏବଂ ଆର୍ଥୀକ ସଙ୍କଟ ସମୟରେ ଏହି ବ୍ୟବସ୍ଥା କୋଟି କୋଟି ଲୋକଙ୍କ ପାଖରେ ଖାଦ୍ୟଶସ୍ୟ ପହଞ୍ଚାଇ ପାରୁଥିଲା। କିନ୍ତୁ ଏବେ ଭଣ୍ଡାରଣ (ଗଚ୍ଛିତ ରଖିବା) ଏବଂ ଯୋଗାଣ ବ୍ୟବସ୍ଥାରେ ଘରୋଇ କ୍ଷେତ୍ରର ଭାଗିଦାରୀ ବଢ଼ିବାରେ ଲାଗିଛି। ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଘରୋଇ କ୍ଷେତ୍ରକୁ ଚାଲିଯିବା ଘଟଣାକୁ ନେଇ ଅନେକ ପ୍ରଶ୍ନ ମଧ୍ୟ ଉଠୁଛି। ତଥ୍ୟ ଅନୁସାରେ ଭାରତୀୟ ଖାଦ୍ୟ ନିଗମର ଓୟାରହାଉସିଙ୍ଗ୍ ଏବଂ ପରିବହନ ଯୋଜନା ବା ବ୍ୟବସ୍ଥାର ଏକ ବଡ଼ ଅଂଶ ଆଦାନୀ ଗ୍ରୁପ୍ ଏବଂ ତାର ସହଯୋଗୀ କମ୍ପାନୀ ହାତକୁ ଚାଲିଯାଇଛି । ଅଭିଯୋଗ ଅନୁସାରେ ଟେଣ୍ଡରର ସର୍ତ୍ତରେ ଏଭଳି ପରିବର୍ତ୍ତନ କେନ୍ଦ୍ର ସରକାର କରିଛନ୍ତି ଯାହା ଫଳରେ ପୂର୍ବରୁ ଥିବା 'ଏକାଧିକାର ବିରୋଧି' ସୁରକ୍ଷା ପ୍ରାବଧାନକୁ ଦୁର୍ବଳ କରି ଦିଆଯାଇଛି ଓ ପରିଣାମ ସ୍ୱରୂପ କିଛି ଘରୋଇ କମ୍ପାନୀଙ୍କୁ ଓୟାର ହାଉସିଙ୍ଗ (ଭଣ୍ଡାରଣ) ଏବଂ ଯୋଗାଣ ପାଇଁ ଠିକା ମିଳିଯାଇଛି । ପାଖାପାଖି ୨୦ ହଜାର କୋଟି ଟଙ୍କାର ଏହି ଭଣ୍ଡାରଣ ଓ ଯୋଗାଣ ପରିଯୋଜନା ମଧ୍ୟରୁ ୧୬୫୦୦ କୋଟି ଟଙ୍କାରୁ ଅଧିକ ଠିକାକାମ ଆଦାନୀ ଗ୍ରୁପ୍ ଏବଂ ଲିପ ଇଣ୍ଡିଆ କମ୍ପାନୀ ସହ ଜଡିତ ସଂସ୍ଥା। ମାନଙ୍କୁ ମିଳିଛି । ଏହା କେବଳ ଏକ ବ୍ୟବସାୟୀ ଗୋଷ୍ଠୀଙ୍କୁ ଦିଆଯାଇଥିବା ଟେଣ୍ଡର ବା ଠିକାର ପ୍ରସଙ୍ଗ ନୁହେଁ ବରଂ ଅସଲ ପ୍ରଶ୍ନ ହେଉଛି ଯେ କ'ଣ ଦେଶର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା କିଛି ପୁଞ୍ଜିପତିଙ୍କ ଉପରେ ନିର୍ଭରଶୀଳ ହେବାକୁ ଯାଉଛି କି ? ଯଦି ଏଭଳି ହୁଏ ତେବେ ଏହାର ଆର୍ଥୀକ, ସାମାଜିକ ଏବଂ ରାଜନୈତିକ ପରିଣାମ କ'ଣ ହେବ ?

ଭାରତୀୟ ଖାଦ୍ୟ ନିଗମ ସ୍ଥାପନାର ଉଦ୍ଦେଶ୍ୟ ଥିଲା ଯେ କୃଷକ ମାନଙ୍କଠାରୁ ଖାଦ୍ୟ ଶଷ୍ୟ ନ୍ୟୁନତମ ସମର୍ଥନ ମୂଲ୍ୟରେ କ୍ରୟ କରିବା, ସୁରକ୍ଷିତ ଭାବେ ଏହାର ଭଣ୍ଡାରଣ କରି ଆବଶ୍ୟକ ଅନୁସାରେ ଲୋକଙ୍କ ପାଖରେ ପହଞ୍ଚାଇବା। ଏହି ପୁରାପୁରି ବ୍ୟବସ୍ଥାରେ ପ୍ରତିସ୍ପର୍ଦ୍ଧା। ଏବଂ ବିବିଧତା ଥିଲା ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ। ଯଦି ଭଣ୍ଡାରଣ ବା ଓୟାରହାଉସ ମାନଙ୍କର ଗଚ୍ଛିତ ରଖିବା, ପରିବହନ ଏବଂ ବିତରଣର ବଡ଼ ଅଂଶ କିଛି ଘରୋଇ କମ୍ପାନୀଙ୍କ ହାତକୁ ଚାଲିଯାଏ ତେବେ ଭବିଷ୍ୟତରେ ଏହି ବ୍ୟବସ୍ଥା। ଉପରୁ ସରକାରୀ ନିୟନ୍ତ୍ରଣ କମ୍ ହୋଇପାରେ ଏବଂ ଖାଦ୍ୟ ଯୋଗାଣ ବ୍ୟବସ୍ଥା ସମ୍ବେଦନଶୀଳ ହୋଇପାରେ। ଏହି ବ୍ୟବସ୍ଥାକୁ ଘରୋଇ କମ୍ପାନୀ ହାତକୁ ଟେକି ଦିଆଯିବା ଉପରେ ଗୁରୁତର ଚର୍ଚ୍ଚା ଓ ଅଭିଯୋଗ ଉଠିବାର କାରଣ ହେଉଛି ଜଳବାୟୁ ସଙ୍କଟ କାରଣରୁ କୃଷିକ୍ଷେତ୍ର ଅବ୍ୟବସ୍ଥାରେ ଥିବାବେଳେ ଭଣ୍ଡାରଣ ଓ ଯୋଗାଣ ବ୍ୟବସ୍ଥାର ଅଧିକ ଭାଗ ଘରୋଇ କମ୍ପାନୀକୁ ଦିଆଯାଇଛି। ପଞ୍ଜାବ, ହରିଆଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର ଅନେକ ଅଞ୍ଚଳରେ ଅଳ୍ପ ବୃଷ୍ଟି, ଝଡ଼ତୋଫାନ, ଅସମୟରେ ବର୍ଷା ଏବଂ ହିଟ୍‌ୱେଭ ବା ଉତ୍ତାପ ବୃଦ୍ଧି କାରଣରୁ ଫସଲ ଉତ୍ପାଦନ ହ୍ରାସ ପାଇଛି ।

ଭାରତର ପାଣିପାଗ ବିଭାଗ ଏବଂ କୃଷି ବିଶେଷଜ୍ଞ ମାନେ ଜଳବାୟୁ ପରିବର୍ତ୍ତନ କାରଣରୁ ପାଣିପାଗର ଅନିଶ୍ଚିତତାକୁ ନେଇ ଅନେକ ବାର ଚେତାବନୀ ଦେଇଛନ୍ତି । କେତେବେଳେ ଅଚାନକ ବର୍ଷା ତ ପୁଣି କେତେବେଳେ ଅନାବୃଷ୍ଟି ପୁଣି ଅତ୍ୟଧିକ ଗରମ କୃଷକଙ୍କ ପାଇଁ ସଙ୍କଟ ପାଲଟିଛି, ଏହି କାରଣରୁ ଉତ୍ପାଦନ ଖର୍ଚ୍ଚ ବଢୁଛି ଓ ଉତ୍ପାଦକତା ଉପରେ ଚାପ ପଡୁଛି । ଭାରତରେ ଏବେ ଖାଦ୍ୟାନ୍ନ ସଙ୍କଟ ଓ ମରୁଡି ଭଳି ସ୍ଥିତି ହେବ ବୋଲି ଆକଳନ ହୁଏତ ଭୁଲ ହୋଇପାରେ। ଭାରତ ପାଖରେ ଏବେ ବି ପର୍ଯ୍ୟାପ୍ତ ପରିମାଣର ଖାଦ୍ୟଶଷ୍ୟ ମହଜୁଦ ରହିଛି। ଭାରତୀୟ ଖାଦ୍ୟନିଗମର ଗୋଦାମ ମାନଙ୍କରେ କୋଟି କୋଟି ଟନ ଖାଦ୍ୟଶଷ୍ୟ ସୁରକ୍ଷିତ ଭାବେ ରହିଛି । କିନ୍ତୁ ଚିନ୍ତାର ବିଷୟ ହେଉଛି ଯଦି ପାଣିପାଗ କାରଣରୁ କ୍ରମାଗତ ଭାବେ ଉତ୍ପାଦନ ପ୍ରଭାବିତ ହୁଏ ତେବେ ଅବ୍ୟବସ୍ଥା ସୃଷ୍ଟି ହେବ ନିଶ୍ଚୟ। ବିଶେଷଜ୍ଞ ମାନଙ୍କ ମତରେ ଖାଦ୍ୟଶଷ୍ୟର ସଂପୂର୍ଣ୍ଣ ଭାବେ ଅଭାବ ପୁର୍ବରୁ ଦରଦାମ ବୃଦ୍ଧିର ପ୍ରଭାବ ଦେଖାଯାଇଥାଏ। ଉତ୍ପାଦନ କମିବା ସମୟରେ ଯଦି ଯୋଗାଣ ବ୍ୟବସ୍ଥା ଘରୋଇ ସଂସ୍ଥା ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ତେବେ ଖାଦ୍ୟଶଷ୍ୟର ମୂଲ୍ୟ ବଢ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଏହା ଫଳରେ ଗରୀବ ଏବଂ ନିମ୍ନ ମଧ୍ୟମ ବର୍ଗ ଅଧିକ ଭାବେ ପ୍ରଭାବିତ ହେବେ।

ଖାଦ୍ୟଶଷ୍ୟ ସଙ୍କଟ ବେଳେ ଭାରତୀୟ ଖାଦ୍ୟ ନିଗମର ଭୂମିକା ମହତ୍ୱପୁର୍ଣ୍ଣ ହୋଇଥାଏ। ଦେଶକୁ ଭବିଷ୍ୟତର ଖାଦ୍ୟ ସଙ୍କଟରୁ ବର୍ଜିବା ପାଇଁ କେବଳ ଗୋଦାମ (ଓୟାରହାଉସ) ନିର୍ମାଣ ପର୍ଯ୍ୟାପ୍ତ ନୁହେଁ। ଆବଶ୍ୟକ ହେଉଛି କ୍ରୟ ପ୍ରଣାଳୀରେ ପାରଦର୍ଶିତା, ଗଛିତ ବା ଭଣ୍ଡାରଣ ବ୍ୟବସ୍ଥା ପ୍ରତିସ୍ପର୍ଦ୍ଧି ହେବା ଉଚିତ୍। କୃଷକଙ୍କୁ ସେମାନଙ୍କ ଉତ୍ପାଦର ମୂଲ୍ୟ ଠିକ୍ ସମୟରେ ମିଳିବା ଏବଂ ବିତରଣ ପ୍ରଣାଳି ସୁନିୟୋଜିତ ହେବା ମଧ୍ୟ ଆବଶ୍ୟକ। ଘରୋଇ କମ୍ପାନୀ ହାତରେ ଏହି ବ୍ୟବସ୍ଥାକୁ ଟେକି ଦେବା ପ୍ରସଙ୍ଗରେ ସରକାରଙ୍କ ଯୁକ୍ତି ହେଉଛି ଘରୋଇ ନିବେଶ ଫଳରେ ଅତ୍ୟାଧୁନିକ ଗୋଦାମ, ଉତ୍ତମ ପରିବହନ ବ୍ୟବସ୍ଥା। ମିଳିବା ସହ ଖାଦ୍ୟଶଷ୍ୟର କ୍ଷୟ କ୍ଷତି କମ୍ ହେବ। ଏହି ଯୁକ୍ତି ସଂପୂର୍ଣ୍ଣ ଭୁଲ ନୁହେଁ। ଦେଶରେ ପ୍ରତିବର୍ଷ ହଜାର ହଜାର ଟନ ଖାଦ୍ୟ ଶଷ୍ୟ ନଷ୍ଟ ହୋଇଯାଉଛି ଏଣୁ ଆତ୍ୟାଧୁନିକ ଭଣ୍ଡାରଣ ବ୍ୟବସ୍ଥା ର ଆବଶ୍ୟକତା ରହିଛି । କିନ୍ତୁ ଘରୋଇ କମ୍ପାନୀଙ୍କ ପ୍ରଭୁତ୍ୱ ବଢ଼ିଲେ ପାରଦର୍ଶିତା ଏବଂ ଉତ୍ତରଦାୟୀତ୍ୱକୁ ନେଇ ପ୍ରଶ୍ନ ଉଠିବା ନିଶ୍ଚୟ। ଭାରତର ଖାଦ୍ୟ ସୁରକ୍ଷା କେବଳ ଖାଦ୍ୟ ଶଷ୍ୟର ଉତ୍ପାଦନର ପ୍ରଶ୍ନ ନୁହେଁ। ଏହା କୃଷକଙ୍କ ଆୟ, ସରକାରୀ କ୍ରୟ ବ୍ୟବସ୍ଥା, ସାର୍ବଜନୀନ ବିତରଣ ପ୍ରଣାଳୀ, ଭଣ୍ଡାରଣ ଢାଞ୍ଚା ଏବଂ ବଜାରର ପ୍ରତିସ୍ପର୍ଦ୍ଧା ସହ ଜଡ଼ିତ ପ୍ରସଙ୍ଗ ଅଟେ। ଯଦି ଏସବୁ ବ୍ୟବସ୍ଥା। ମଧ୍ୟରେ ସନ୍ତୁଳନ ନରହେ ତେବେ ଅବ୍ୟବସ୍ଥା। ଦେଖାଯିବ। ଯଦି ଉତ୍ପାଦନ ହ୍ରାସ ହୁଏ ଏବଂ ଭଣ୍ଡାରଣ ଏବଂ ବିତରଣ ବ୍ୟବସ୍ଥା। ଘରୋଇ ନିୟନ୍ତ୍ରଣରେ ରହେ ତେବେ ଅବ୍ୟବସ୍ଥା ଅଧିକ ହେବ ନିଶ୍ଚୟ।

# ସରକାରୀ ଜମି ଜବରଦଖଲ



ସୌମ୍ୟ ରଞ୍ଜନ ଦାଶ
ଅଧ୍ୟାପକ, ବିରଜା ଆଇନ ମହାବିଦ୍ୟାଳୟ
ଯାଜପୁର
ମୋ : ୮୮୯୫୯୫୨୩୧୫

ଓଡ଼ିଶାର ସାମାଜିକ ଗଠନରେ 'ଗାଁ' କେବଳ ଏକ ଭୌଗୋଳିକ ସୀମାରେଖା ନୁହେଁ, ବରଂ ଏହା ଏକ ଜୀବନ୍ତ ସଂସ୍କୃତି ଓ ସାମୂହିକ ଜୀବନଶୈଳୀର ପ୍ରତିଫଳନ। ଏହି ସାମୂହିକତାର ମେରୁଦଣ୍ଡ ହେଉଛି ଗ୍ରାମର ସାଧାରଣ ବ୍ୟବହାର୍ଯ୍ୟ ଜମି, ଯାହାକୁ ଆମେ ଶ୍ମଶାନ, ଗୋଚର, ଗ୍ରାମ୍ୟ ଜଳାଶୟ, ପଥପ୍ରାନ୍ତ ଏବଂ ଭାଗବତ ଟୁଙ୍ଗି ବା ଗ୍ରାମସଭା ଭୂମି ଭାବେ ଜାଣୁ। କିନ୍ତୁ ବିଗତ କିଛି ଦଶନ୍ଧି ମଧ୍ୟରେ ଆଧୁନିକୀକରଣ ଓ ଜନସଂଖ୍ୟା ବିସ୍ଫୋରଣର ଆଢୁଆଳରେ ଏହି ଅମୂଲ୍ୟ ସମ୍ପତ୍ତି ଉପରେ ଯେଉଁଭଳି ଭାବେ ଜବରଦଖଲର କଳାବାଦଲ ଘୋଟିଆସୁଛି, ତାହା ଗାଁର ଭବିଷ୍ୟତ ଅସ୍ତିତ୍ୱ ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ଜମି ହେଉଛି ସମାଜର ସର୍ବସାଧାରଣ ସମ୍ପତ୍ତି, ଯାହାର ସୁରକ୍ଷା ପାଇଁ ଆଇନ ଅଛି, ପ୍ରଶାସନ ଅଛି, କିନ୍ତୁ ବାସ୍ତବରେ ଏହା ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଓ ପ୍ରଭାବଶାଳୀ ଗୋଷ୍ଠୀଙ୍କ କବଜାରେ ଶ୍ୱାସରୁଦ୍ଧ ହେବାରେ ଲାଗିଛି। ଯେତେବେଳେ ଗୋଟିଏ ଗାଁର ଗୋଚର ଜମି ସଂକୁଚିତ ହୁଏ କିମ୍ବା ଶ୍ମଶାନ ଭୂମି ଉପରେ କୋଠା ଛିଡ଼ାହୁଏ, ସେତେବେଳେ କେବଳ କିଛି ଏକର ଜମି ନଷ୍ଟ ହୁଏ ନାହିଁ, ବରଂ ଗାଁର ପରିବେଶୀୟ ସନ୍ତୁଳନ ଓ ସାମାଜିକ ସୌହାର୍ଦ୍ଦ୍ୟ ବିପନ୍ନ ହୋଇପଡ଼େ।

ଭାରତୀୟ ସମ୍ବିଧାନ ଓ ଓଡ଼ିଶାର ଭୂ-ରାଜସ୍ୱ ଆଇନ ଅନୁଯାୟୀ, ଗ୍ରାମାଞ୍ଚଳରେ ଥିବା ସାଧାରଣ ଜମିର ମାଲିକାନା ସରକାରଙ୍କ ପାଖରେ ଥିଲେ ହେଁ ଏହାର ବ୍ୟବହାରିକ ଅଧିକାର ଗ୍ରାମବାସୀଙ୍କର। ବିଶେଷକରି ଓଡ଼ିଶା ପ୍ରିଭେନସନ୍ ଅଫ୍ ଲ୍ୟାଣ୍ଡ ଏନକ୍ରୋଚମେଣ୍ଟ ଆକ୍ଟ (OPLE), ୧୯୭୨ ଏବଂ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ (OGLS), ୧୯୬୨ର ବିଭିନ୍ନ ଧାରା ସରକାରୀ ଜମିକୁ ସୁରକ୍ଷା ପ୍ରଦାନ କରିଥାଏ। ଆଇନ ଅନୁଯାୟୀ, ଗୋଚର, ଶ୍ମଶାନ, ଏବଂ ଜଳାଶୟ ଭଳି ଜମିକୁ କୌଣସି ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ। ଯଦି କେହି ଏହାକୁ ଜବରଦଖଲ କରନ୍ତି, ତେବେ ତହସିଲଦାରଙ୍କୁ ଏହାକୁ ଉଚ୍ଛେଦ କରିବାର ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି। କିନ୍ତୁ ବଡ଼ ବିଡ଼ମ୍ବନାର ବିଷୟ ହେଉଛି, ଅନେକ ସମୟରେ ରାଜସ୍ୱ ବିଭାଗର ନିମ୍ନସ୍ତରର କର୍ମଚାରୀଙ୍କ ଅବହେଳା କିମ୍ବା ସ୍ଥାନୀୟ ରାଜନୈତିକ ଚାପ ଯୋଗୁଁ ଏହି ଜବରଦଖଲକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁନାହିଁ। ଏକ ସୁସ୍ଥ ସମାଜ ଗଠନ ପାଇଁ ଗୋଚର ଜମିର ଆବଶ୍ୟକତା ଅପରିହାର୍ଯ୍ୟ। ସରକାରୀ ନିୟମ ଅନୁଯାୟୀ, ପ୍ରତ୍ୟେକ ଗ୍ରାମରେ ମୋଟ ଚାଷ ଜମିର ଅନ୍ତତଃ ପାଞ୍ଚ ପ୍ରତିଶତ ଭାଗ 'ଗୋଚର' ବା ଗୋରୁଗାଈଙ୍କ ଚରିବା ପାଇଁ ସଂରକ୍ଷିତ ରହିବା ଉଚିତ। କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖାଯାଉଛି ଯେ, ଅଧିକାଂଶ ଗାଁରେ ଏହି ଜମି କାଗଜପତ୍ରରେ ସୀମିତ। ଗୋଚର ଜମି ଅଭାବରୁ ଗୋରୁଗାଈମାନେ ରାସ୍ତା ଉପରେ ବୁଲୁଛନ୍ତି, ଯାହା ଫଳରେ ଦୁର୍ଘଟଣା ବଢ଼ୁଛି ଏବଂ ଚାଷୀମାନେ ପଶୁପାଳନରୁ ବିମୁଖ ହେଉଛନ୍ତି।

ସରକାରୀ ଜମି ସୁରକ୍ଷା ସମ୍ପର୍କରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କର 'ଜଗପାଲ ସିଂ ବନାମ ପଞ୍ଜାବ ରାଜ୍ୟ' (୨୦୧୧) ମାମଲାର ରାୟ ଏକ ଐତିହାସିକ ଦଲିଲ। ଏହି ରାୟରେ କୋର୍ଟ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଥିଲେ ଯେ, ଗ୍ରାମସଭା ବା ସରକାରୀ ଜମିକୁ ଜବରଦଖଲ କରିଥିବା ବ୍ୟକ୍ତି ଯେତେ ପ୍ରଭାବଶାଳୀ ହୁଅନ୍ତୁ ନା ସୁଦ୍ଧା, ସେମାନଙ୍କୁ ସେଠାରୁ ତୁରନ୍ତ ହଟାଯିବା ଆବଶ୍ୟକ। କୋର୍ଟ ଏହା ମଧ୍ୟ କହିଥିଲେ ଯେ, ଦୀର୍ଘ ଦିନ ଧରି ଜବରଦଖଲ କରି ରହିଥିବା କାରଣରୁ କେହି ସେହି ଜମି ଉପରେ ନିଜର ମାଲିକାନା ଦାବି କରିପାରିବେ ନାହିଁ। ଏପରିକି ସରକାର ମଧ୍ୟ ବିନା କୌଣସି ଜନହିତକର ବିକଳ୍ପ ବ୍ୟବସ୍ଥାରେ ଏହି ଜମିର କିସମ ପରିବର୍ତ୍ତନ କରିପାରିବେ ନାହିଁ। ଓଡ଼ିଶାରେ ମଧ୍ୟ ହାଇକୋର୍ଟ ବିଭିନ୍ନ ସମୟରେ ଗୋଚର ଓ ଶ୍ମଶାନ ଜମି ସୁରକ୍ଷା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତଥାପି, ଅମଲାତନ୍ତ୍ରର ମନ୍ଥରତା ଓ ଜବରଦଖଲକାରୀଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ ଆଇନର ପ୍ରୟୋଗ ତୃଣମୂଳ ସ୍ତରରେ ଦୁର୍ବଳ ହୋଇପଡ଼ିଛି। ଯେତେବେଳେ ରାଜସ୍ୱ ନିରୀକ୍ଷକ (RI) ବା ତହସିଲଦାର ଏହି ମାମଲାଗୁଡ଼ିକୁ ବର୍ଷ ବର୍ଷ ଧରି ପକାଇ ରଖନ୍ତି, ସେତେବେଳେ ଜବରଦଖଲକାରୀଙ୍କ ସାହସ ବଢ଼ିଥାଏ। ସେମାନେ ସରକାରୀ ଜମି ଉପରେ ପକ୍କା ନିର୍ମାଣ କରିବା ସହ ତାକୁ ବିକ୍ରି କରିବାକୁ ମଧ୍ୟ ପଛାନ୍ତି ନାହିଁ, ଯାହା ସମ୍ପୂର୍ଣ୍ଣ ରୂପେ ଏକ ଦଣ୍ଡନୀୟ ଅପରାଧ।

ଏଠାରେ ଆଉ ଏକ ଉଦବେଗଜନକ ବିଷୟ ହେଉଛି ସରକାରଙ୍କ ନିଜସ୍ୱ ଭୂମି ନୀତି। ଅନେକ ସମୟରେ ବିଭିନ୍ନ ସରକାରୀ ପ୍ରକଳ୍ପ ଯଥା— ଗୋଷ୍ଠୀ କେନ୍ଦ୍ର, ପାଣି ଟାଙ୍କି କିମ୍ବା ସ୍କୁଲ ଗୃହ ନିର୍ମାଣ ପାଇଁ ଗୋଚର କିମ୍ବା ଶ୍ମଶାନ ଜମିକୁ ବ୍ୟବହାର କରାଯାଏ। ଯଦିଓ ଏହି ପ୍ରକଳ୍ପଗୁଡ଼ିକ ଜନହିତକର, କିନ୍ତୁ ସାଧାରଣ ବ୍ୟବହାର୍ଯ୍ୟ ଜମିର କିସମ ପରିବର୍ତ୍ତନ କରି ଏହାକୁ ନିର୍ମାଣ କରିବା ଦ୍ୱାରା ଗ୍ରାମର ପ୍ରାକୃତିକ ସମ୍ପଦ ନଷ୍ଟ ହୁଏ। ଆଇନ ଅନୁଯାୟୀ, ଯଦି ଗୋଚର ଜମିକୁ କୌଣସି ସରକାରୀ ପ୍ରକଳ୍ପ ପାଇଁ ବ୍ୟବହାର କରାଯାଏ, ତେବେ ତା' ବଦଳରେ ସମାନ ପରିମାଣର ଜମି ଅନ୍ୟତ୍ର ଗୋଚର ଭାବେ ଚିହ୍ନଟ ହେବା ଜରୁରୀ। ମାତ୍ର ବ୍ୟବହାରିକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। ସେହିପରି ଶ୍ମଶାନ ଭୂମିର ଅଭାବ ଗ୍ରାମାଞ୍ଚଳରେ ଏକ ଗୁରୁତର ସାମାଜିକ ସମସ୍ୟା ଭାବେ ଉଭା ହୋଇଛି। ଶ୍ମଶାନ ଜମି ଜବରଦଖଲ ହୋଇଥିବାରୁ ଅନେକ ସମୟରେ ମୃତଦେହ ସଂସ୍କାର ପାଇଁ ବିବାଦ ସୃଷ୍ଟି ହେଉଛି, ଯାହା ସମାଜରେ ଅଶାନ୍ତି ଓ ଘୃଣା ଭାବ ସୃଷ୍ଟି କରୁଛି। ଜୀବିତ ବ୍ୟକ୍ତିଙ୍କ ପାଇଁ ବାସଗୃହ ଯେତିକି ଗୁରୁତ୍ୱପୂର୍ଣ୍ଣ, ମୃତ ପରେ ଶେଷ ସମ୍ମାନ ପାଇଁ ଶ୍ମଶାନ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ।

ଅନ୍ୟପଟେ, ସହର ତଳି ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ରିଅଲ୍ ଇଷ୍ଟେଟ୍ ମାଫିଆଙ୍କର ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ବଡ଼ ବଡ଼ ବିଲ୍ଡରମାନେ ଗୋଚର କିମ୍ବା ଅନାବାଦୀ ଜମିକୁ ନିଜ ପ୍ରକଳ୍ପର ରାସ୍ତା ଭାବେ ବ୍ୟବହାର କରୁଛନ୍ତି। ପ୍ରଥମେ ସେମାନେ ଏହାକୁ ଏକ କଞ୍ଚା ରାସ୍ତା ଭାବେ ବ୍ୟବହାର କରନ୍ତି ଏବଂ ପରବର୍ତ୍ତୀ ସମୟରେ ତାହାକୁ ନିଜର ଅଧିକାର ଭାବେ ଦାବି କରନ୍ତି। ଏପରିକି କିଛି ସ୍ଥାନରେ ଜଳାଶୟଗୁଡ଼ିକୁ ପୋତି ଦିଆଯାଉଛି, ଯାହା ପରିବେଶ ପାଇଁ ବିପଜ୍ଜନକ। ଆର୍ଦ୍ରଭୂମି ଓ ଜଳାଶୟଗୁଡ଼ିକ ଗ୍ରାମର ଜଳସ୍ତର ବଜାୟ ରଖିବାରେ ସାହାଯ୍ୟ କରେ। ଏଗୁଡ଼ିକ ନଷ୍ଟ ହେଲେ ବନ୍ୟା ଓ ଜଳାଭାବ ପରି ସମସ୍ୟା ଦେଖାଦେବା ସ୍ୱାଭାବିକ। ଏଥିପାଇଁ ଓଡ଼ିଶା ଜଳାଶୟ ସୁରକ୍ଷା ନିୟମ ଅନୁଯାୟୀ କଠୋର ଦଣ୍ଡବିଧାନର ଆବଶ୍ୟକତା ରହିଛି। ସରକାରୀ ଜମିର ଏହି ନୀରବ ହରିଲୁଟ୍ ଗାଁର ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରୁଛି। ପୂର୍ବେ ଗାଁର ଶ୍ମଶାନ ଓ ଗୋଚର ପାର୍ଶ୍ୱରେ ଥିବା ଗଛଲତା ଗ୍ରାମବାସୀଙ୍କ ଜାଳେଣି ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରୁଥିଲା, କିନ୍ତୁ ଜବରଦଖଲ ଫଳରେ ଏହି ପ୍ରାକୃତିକ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ବିଚ୍ଛିନ୍ନ ହୋଇଯାଇଛି।

ଏହି ଜଟିଳ ସମସ୍ୟାର ସମାଧାନ ପାଇଁ ଆଜି ବହୁମୁଖୀ ପଦକ୍ଷେପର ଆବଶ୍ୟକତା ରହିଛି। ପ୍ରଥମତଃ, ସରକାରୀ ଜମିର ଡିଜିଟାଲ୍ ମ୍ୟାପିଂ କରାଯାଇ ତାହାକୁ ସାର୍ବଜନୀନ କରାଯାଉ। ପ୍ରତ୍ୟେକ ଗାଁର କେଉଁ ପ୍ଲଟ୍ ନମ୍ବର ଶ୍ମଶାନ, କେଉଁଟି ଗୋଚର ଏବଂ କେଉଁଟି ଜଳାଶୟ, ତାହା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବା ଉଚିତ। ଏହାଦ୍ୱାରା ଜନସାଧାରଣ ସଚେତନ ହେବେ ଏବଂ ଜବରଦଖଲ ପୂର୍ବରୁ ପ୍ରତିବାଦ କରିପାରିବେ। ଦ୍ୱିତୀୟତଃ, ତହସିଲ ସ୍ତରରେ ଥିବା 'ଏନକ୍ରୋଚମେଣ୍ଟ କେସ୍' ବା ଜବରଦଖଲ ମାମଲାଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଫଏସଲା ହେବା ଆବଶ୍ୟକ। ଜବରଦଖଲକାରୀଙ୍କୁ କେବଳ ନୋଟିସ୍ ଦେଇ ଚୁପ୍ ନ ରହି, ତାହାର ଭୌତିକ ଉଚ୍ଛେଦ (Physical Eviction) ପାଇଁ ପୋଲିସ ଓ ପ୍ରଶାସନର ମିଳିତ ସମନ୍ୱୟ ରହିବା ଉଚିତ। ତୃତୀୟତଃ, ଯେଉଁ ରାଜସ୍ୱ କର୍ମଚାରୀଙ୍କ ଅଞ୍ଚଳରେ ବାରମ୍ବାର ଜବରଦଖଲ ହେଉଛି, ସେମାନଙ୍କୁ ବ୍ୟକ୍ତିଗତ ଭାବେ ଦାୟୀ କରାଯାଉ। ସର୍ବୋପରି, ଗ୍ରାମସଭାକୁ ଆହୁରି ଶକ୍ତିଶାଳୀ କରିବାକୁ ହେବ। ଗ୍ରାମର ସମ୍ପତ୍ତି କେବଳ ସରକାରଙ୍କର ନୁହେଁ, ବରଂ ତାହା ଗ୍ରାମବାସୀଙ୍କର— ଏହି ଭାବନା ଲୋକଙ୍କ ମନରେ ସୃଷ୍ଟି ହେବା ଆବଶ୍ୟକ। ପରିଶେଷରେ, ଗାଁର ସରକାରୀ ଜମିକୁ ସୁରକ୍ଷିତ ରଖିବା କେବଳ ଆଇନଗତ ଦାୟିତ୍ୱ ନୁହେଁ, ବରଂ ଏହା ଆମର ସାମାଜିକ କର୍ତ୍ତବ୍ୟ। ଯଦି ଆଜି ଆମେ ଆଖି ଆଗରେ ଜବରଦଖଲକୁ ପ୍ରଶ୍ରୟ ଦେବା, ତେବେ ଆସନ୍ତା ପିଢ଼ି ପାଇଁ ନା ଖେଳପଡ଼ିଆ ରହିବ, ନା ଗୋଚର ରହିବ, ନା ଶେଷକର୍ମ ପାଇଁ ଶ୍ମଶାନ ଟିକିଏ ମିଳିବ। ବିକାଶ ନାମରେ ବିନାଶର ଏହି ଖେଳ ବନ୍ଦ ହେବା ଆବଶ୍ୟକ। ପ୍ରଶାସନର କଠୋରତା ଏବଂ ଜନସାଧାରଣଙ୍କ ସଚେତନତା ହିଁ ଗାଁର ଏହି ସାମୂହିକ ଅସ୍ମିତାକୁ ବଞ୍ଚାଇ ପାରିବ। ସରକାରଙ୍କ 'ଶୂନ୍ୟ ସହନଶୀଳତା' ନୀତି କେବଳ ଦୁର୍ନୀତି ବିରୋଧରେ ନୁହେଁ, ବରଂ ଜବରଦଖଲ ବିରୋଧରେ ମଧ୍ୟ ପ୍ରତିଫଳିତ ହେବା ଆବଶ୍ୟକ। ତେବେ ଯାଇ ଆମର ଗ୍ରାମୀଣ ସଭ୍ୟତା ଓ ପରିବେଶ ସୁରକ୍ଷିତ ରହିପାରିବ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### "ପୂଜା"

ଶ୍ରଦ୍ଧେୟ ଭକ୍ତବୃନ୍ଦ ପୂଜାର ତାତ୍ପର୍ଯ୍ୟ ହେଉଛି "ପୂର୍ଣ୍ଣ ଜାଗ୍ରତ" ଈଶ୍ୱରଙ୍କ ପାଖରେ ପୂର୍ଣ୍ଣ ସମର୍ପଣ । ଲୋକ ଦେଖାଣିଆ ନ ହୋଇ ଈଶ୍ୱରଙ୍କ ପାଖରେ କାୟ, ମନ, ବାକ୍ୟକୁ ଅର୍ପଣ କରିବା ହିଁ ସୋହଁ । ସବୁ ସେଇ ସେ ଅର୍ଥ ଈଶ୍ୱର "ଈ" ଏହି ଅକ୍ଷରଟି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅକ୍ଷର ବ୍ରହ୍ମ । ତେଣୁ ଯାହାର ଇଙ୍ଗିତର କୋଟୀ କୋଟୀ ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ସଂହାର ତାକୁ ଆମେ କଣ ଦେଇ ପୂଜା କରିପାରିବା । ସେଇଠି କେବଳ ଭାବ, ଭକ୍ତି, ପ୍ରେମର ଭୋଗକୁ, ଉତ୍ସର୍ଗୀକୃତ କରି ପାରିଲେ ଈଶ୍ୱରଙ୍କ ପୂଜାର ଶ୍ରେଷ୍ଠ ଉପହାର ଭକ୍ତର ହୋଇଥାଏ । ଏହାହିଁ ସରଳ ମାର୍ଗ । ତେଣୁ ଭଗବାନ ଶବ୍ଦଟି ହେଉଛି "ଭ" ଭବସଂସାରରୁ ଯେ ତାରଣ କରି ଭକ୍ତକୁ ଯେଉଁ ପ୍ରଭୁ ଶ୍ରେଷ୍ଠ ମାର୍ଗ ପ୍ରଦାନ କରିଥାଆନ୍ତି ସେହିଁ ଭଗବାନ।

"ଗ"ର ଅର୍ଥ ହେଉଛି ବା ଆକାଶ ପରି ଯେ ସର୍ବବ୍ୟାପକ ସେ ହିଁ ଈଶ୍ୱର ବା ଭଗବାନ ତୃତୀୟ ଅକ୍ଷରଟି ହେଲା "ବା" ବାୟୁ ବା ପବନ ରୂପରେ ସକଳ ଜୀବ ଦେହରେ ପ୍ରାଣବାୟୁ ହୋଇ ଜୀବକୁ ଜୀବ ଜଗତରୁ ଯେ ସକଳ ଆନନ୍ଦ ପ୍ରଦାନ କରିଥାଆନ୍ତି ସେ ହିଁ ଭଗବାନ ଚତୁର୍ଥ ଅକ୍ଷରଟି ହେଲା "ନ" ନ ଅକ୍ଷରଟି ହେଲା ନକରାତ୍ମକ ନର୍କରୁ ଭକ୍ତଙ୍କୁ ଉଦ୍ଧାର କରି ନର ନାରାୟଣ ରୂପରେ ଜଗତରୁ ଜୀବକୁ ଶିବ ତତ୍ତ୍ୱ ବା ସ୍ୱହଂ ମନ୍ତ୍ରରେ ଦୀକ୍ଷିତ କରି ସକଳ ପାପ ତାପରୁ ମୁକ୍ତ କରି ପରବ୍ରହ୍ମ ତତ୍ତ୍ୱକୁ ଗୁରୁ ଶିଷ୍ୟ ପରମ୍ପରାରେ ସୁଦୃଢ଼ କରି ଜଗତରେ ସମଭାବର ସମନ୍ୱୟ ସୃଷ୍ଟି କରିଥାଆନ୍ତି । ସେହିଁ ଭଗବାନ, ସେହିଁ ଈଶ୍ୱର, ସେହିଁ ଜଗତଗୁରୁ, ଏହି ଭାବନାରେ ଜୀବ ବ୍ରତୀ ହୋଇ ସକଳ ଦେହେ ନାରାୟଣଙ୍କୁ ଦର୍ଶନ କରିବାହିଁ ପୂଜା । ହରିଓଁ ।

ଦେବୀ ପ୍ରସାଦ ରଥ

# ଏକାଦଶାହ ତିଥିରେ



କବି ଶ୍ରୀ ନୃସିଂହ କୁମାର ରଥ, ଜାନୁୟାରୀ ୧୭ ତାରିଖ ୧୯୩୫ ମସିହାରେ ମନ୍ଦାର ରାଇପୁର, ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିଲେ। ପିଲାଦିନୁ ସେ ତାଙ୍କର ପିତା ମାତାଙ୍କୁ ହରାଇଥିଲେ। ତାଙ୍କର ଜଣେ ଦୂର ସମ୍ପର୍କୀୟ ବନ୍ଧୁଙ୍କ ଘରେ ରହି ଭୁବନ ହାଇସ୍କୁଲରୁ ମ୍ୟାଟ୍ରିକ ପାସ୍ କରିଥିଲେ। ପରେ ପରେ ସେ କଟକ ଆସି ଖ୍ରୀଷ୍ଟ ମହାବିଦ୍ୟାଳୟରୁ ଆଇ.ଏ ଏବଂ ବିଏ ଇଂରାଜୀରେ ପାସ୍ କରି ରେଭେନ୍‌ସା ମହାବିଦ୍ୟାଳୟରୁ ଇଂରାଜୀରେ ଏମ୍,ଏ ପାସ୍ କରିଥିଲେ । କଟକ ଲଣ୍ଡା ଦେଉଳ ମେସ, ନିମ୍‌ଚଉଡି ଛକରେ ଗୋଟେ ମେସ୍‌ରେ ରହି ପାଠ ପଢିଥିଲେ । ଅଧିକାଂଶ ଦିନ ଭୋକ ଉପାସରେ ଦିନ କାଟୁଥିଲେ।

ପରେ ପରେ ସେ ରାଜ୍ୟ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗର ଡି.ପି.ଆର.ଓ ହିସାବରେ କୋରାପୁଟରେ ନିଯୁକ୍ତି ପାଇଥିଲେ । ସେଠାରେ ଏକ ମାସ ପରେ ସେ ଆଡହକ ଅଧ୍ୟାପକ ହିସାବରେ ଗଙ୍ଗାଧର ମେହେର କଲେଜରେ ୧୯୬୧ମସିହାରେ ନିଯୁକ୍ତ ହୋଇଥିଲେ । ତାଙ୍କର ଯୁକ୍ତି ଥିଲା ଯେ ଏତେ ଦୁଃଖ କଷ୍ଟରେ ପାଠପଢି, ସେ ପିଲାମାନଙ୍କୁ ପାଠ ପଢାଇବେ । ସେଥିପାଇଁ ସେ ଡି.ପି.ଆର.ଓ ଚାକିରି ଛାଡି ଅଧ୍ୟାପକ ବୃତ୍ତିକୁ ଆପଣାଇ ନେଇଥିଲେ ।

ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ପାଞ୍ଚବର୍ଷ ଅଧ୍ୟାପନା ପରେ ସେ ରେଭେନ୍‌ସା କଲେଜ କଟକରେ ଇଂରାଜୀ ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ । ସେ ଜଣେ ଦରଦୀ କବି ଥିଲେ। ମୋର ଜନ୍ମ ୧୯୬୩ ମସିହା ବେଳକୁ ସେ "ଲୁଲୁ ପାଇଁ ନାନାବାୟା ଗୀତ" କବିତା ଲେଖି ଓଡିଶାର ପୁରପଲ୍ଲୀରେ ପରିଚିତ ହୋଇଥିଲେ । ସେହି କବିତାଟି ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ, କଟକର ହାଇସ୍କୁଲ ସିଲାବସ୍‌ରେ ସ୍ଥାନ ପାଇଥିଲା ।

ପରେ ପରେ ରମାଦେବୀ ମହିଳା କଲେଜ, ବିଜେବି କଲେଜ, କମଳା ନେହେରୁ ମହିଳା କଲେଜ ଶିକ୍ଷା ବିଭାଗର ଉପ-ନିର୍ଦ୍ଦେଶକ ଏବଂ ପରିଶେଷରେ ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱରରୁ ୧୯୯୩ ମସିହା ଜାନୁୟାରୀ ୩୧ ତାରିଖରେ ଅବସର ନେଲେ ।

ସେ ଥିଲେ ଜଣେ ସ୍ୱନାମଧନ୍ୟ କବି, କିନ୍ତୁ ସବୁବେଳେ ନିଜର ଆତ୍ମସମ୍ମାନକୁ ଜଗୁଥିଲେ । ଅନ୍ୟମାନଙ୍କ ଭଳି ସେ ବିଭିନ୍ନ ସାହିତ୍ୟ ପୁରସ୍କାର ପାଇଁ ଲବି କରିବାପାଇଁ ପସନ୍ଦ କରୁନଥିଲେ । ସେ ଓଡ଼ିଶାରେ ବହୁତ ଆଇଏସ୍ ଏବଂ ରାଜନୀତିଜ୍ଞଙ୍କୁ ଗଢିଛନ୍ତି । ସେ ଜଣେ ପ୍ରକୃତି ପ୍ରେମୀ ଏବଂ ଉଦାର ହୃଦୟର ବ୍ୟକ୍ତି ଥିଲେ । ସେ ଶିରିଡି ସାଇବାବାଙ୍କ ଜଣେ ଭକ୍ତ ଏବଂ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କର ବହୁତ କବିତା ପୁସ୍ତକ ଏବଂ ଶିଶୁ କବିତା ପୁସ୍ତକ ପ୍ରକାଶିତ ହୋଇଛି। ଆଜି ତାଙ୍କର ଏକାଦଶାହରେ ଅମର ଆତ୍ମାର ସଦଗତି ପାଇଁ ଶିରିଡିସାଇ ଏବଂ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୮୮

## ନହୁଷ ହେଲେ ଇନ୍ଦ୍ର-୧



ନିତ୍ୟାନନ୍ଦ ପଣ୍ଡା



ଦେବତାମାନଙ୍କ ଅନୁରୋଧର ଉତ୍ତରରେ ନହୁଷ କହିଲେ- କ୍ଷମା କରିବେ ! ମୁଁ ତୁମର ରାଜା ହୋଇପାରିବିନାହିଁ । ମୋର ଶକ୍ତି କାହିଁ ଯେ ତୁମକୁ ରକ୍ଷା କରିବି ?

ଦେବତାମାନେ କହିଲେ - ସେପରି ଭାବନ୍ତୁ ନାହିଁ । ଆମେ ସବୁ ଦେବତା ଆମର ଗୁଣ ଓ ଶକ୍ତି ତୁମକୁ ଅର୍ପଣ କରୁଛୁ । ତୁମେ ଶକ୍ତିଶାଳୀ ହୋଇଯିବ । ଦୟାକରି ଆମର ଅନୁରୋଧ ଗ୍ରହଣ କରନ୍ତୁ ।

ରାଜା ନହୁଷ ରାଜିହେଲେ ଓ ଇନ୍ଦ୍ରାସନରେ ବସିଲେ ।

ଆରମ୍ଭ ଦିନଗୁଡ଼ିକ ନହୁଷ ଉତ୍ତମ କାର୍ଯ୍ୟ କଲେ । କିନ୍ତୁ ଖୁବ୍‌ଶୀଘ୍ର ସେ ଅହଂକାରୀ ହୋଇଉଠିଲେ । ନକରିବା କାମ ଖୋଲାଖୋଲି କଲେ। ମୁଁ ଇନ୍ଦ୍ର ! ଯାହା ଇଚ୍ଛା ତାହା କରିବି ! ମୋତେ ବିରୋଧ କରିବ କିଏ ? ଏହିପରି ଭାବ ତାଙ୍କୁ ସବୁବେଳେ ଆବୋରି ରଖିଲା ।

ଦିନେ ଏକ ଅଦ୍ଭୁତ ଚିନ୍ତା ତାଙ୍କର ମନକୁ ଆସିଲା । ସେ ଭାବିଲେ- ମୁଁ ଇନ୍ଦ୍ର । ଦେବତାମାନଙ୍କର ରାଜା । ରାଣୀ ଶଚୀ କାହାକି ମୋ ପାଖକୁ ଆସୁନାହାଁନ୍ତି ? ତାଙ୍କ ଉପରେ ମୋର ପୂର୍ଣ୍ଣ ଅଧିକାର। ଶଚୀଦେବୀଙ୍କୁ ମୋ ପାଖକୁ ପଠାଅ। ନହୁଷ ଆଦେଶ ଦେଲେ ।

ଶଚୀ ଦେବୀ ରାଜାଙ୍କ ଆଦେଶ ଠିକ୍ ସମୟରେ ଶୁଣିଲେ । ସେ ଭୟରେ ଥରିବାକୁ ଲାଗିଲେ । ରକ୍ଷାପାଇବାକୁ ସେ ବୃହସ୍ପତିଙ୍କ ନିକଟକୁ ଗଲେ । କହିଲେ- ହେ ଗୁରୁ, ମୋତେ ଏହି ସଙ୍କଟରୁ ରକ୍ଷା କରନ୍ତୁ ।

ବୃହସ୍ପତି ଆଶ୍ୱାସନା ଦେଇ କହିଲେ- ଖୁବ୍‌ଶୀଘ୍ର ଇନ୍ଦ୍ର ପାପମୁକ୍ତ ହୋଇ ସ୍ୱର୍ଗକୁ ଫେରିବେ ଓ ଇନ୍ଦ୍ରପଦ ବଜାୟ ରଖିବେ । ସେ ପର୍ଯ୍ୟନ୍ତ ତୁମେ ମୋ ଘରେ ଆଶ୍ରୟ ନିଅ ।

ନହୁଷ ଯେତେବେଳେ ଜାଣିଲେ ଶଚୀ ଦେବୀଙ୍କୁ ବୃହସ୍ପତି ଆଶ୍ରୟ ଦେଇଛନ୍ତି, ସେ ଭୀଷଣ ରାଗିଲେ ।

ଦେବତାଗଣ ରାଜାଙ୍କୁ କହିଲେ- ରାଜା ! ରାଗନ୍ତୁ ନାହିଁ । ଶଚୀ ଦେବୀ ଆଉଜଣଙ୍କର ବିବାହିତା ପତ୍ନୀ । ତାଙ୍କ ଉପରେ ଲୋଭ ପକେଇବାର ଫଳ ଭଲ ହେବନାହିଁ ।

ରାଜା ନହୁଷ ଶୁଣିଲେ ନାହିଁ । କହିଲେ, "ମୋତେ ନୀତି ନିୟମ ଦେଖଉଛ ! ଅହଲ୍ୟାଙ୍କ ଉପରେ ଯେତେବେଳେ ଇନ୍ଦ୍ର କାମଦୃଷ୍ଟି ପକେଇଲେ, ତୁମର ନୀତି ନିୟମ କୁଆଡ଼େ ଯାଇଥିଲା ? ଆଉ ବ୍ରାହ୍ମଣ ବିଶ୍ୱରୂପକୁ ହତ୍ୟାକଲା ବେଳେ ? ବୃତ୍ରକୁ ଛଳକରି ମାରିଥିଲେ ଇନ୍ଦ୍ର ତ ! ମୁଁ କିଛି ଶୁଣିବି ନାହିଁ । ଇନ୍ଦ୍ର ମୁଁ ଓ ଶଚୀ ମୋର । ତୁମେ ଶଚୀଙ୍କୁ ମୋ ପାଖକୁ ତୁରନ୍ତ ପଠାଅ ।" (କ୍ରମଶଃ ...)

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮



# କଳା ହାତୀ ଧଳା ହାତୀ

**ଜଗଦୀଶ ସାହୁ**

ବରଷକେ ଥରେ ଭକତ ଆଗରେ
ସିନାନ ମଣ୍ଡପେ ବସି
ସୁନାକୂଅ ଜଳ ଆହାଃ କି ଶୀତଳ
ଶିରୀକ୍ଷେତ୍ର କଳାଶଶୀ
ଗାଧୋଇବେ ହସିହସି
କାଳିଆ ସିନାନ ଲୀଳା ଦରଶନ
ଭକତ ମନରେ ଖୁସି ।
ସଙ୍ଗେ ଥିବେ ବଡ଼ଭାଇ ବଳରାମ
ଚକ୍ରରାଜ ସୁଦର୍ଶନ
ଗେଲବସରିଆ ଭଉଣୀ ସୁଭଦ୍ରା
ସଭିଏଁ କରିବେ ସ୍ନାନ
ବଡ଼ଦାଣ୍ଡେ ଭକ୍ତଜନ
ପଡୁଥିବ ହରିବୋଲ ହୁଳହୁଳି
କାଳିଆର ଜୟ ଗାନ ।
ସିନାନ ଶେଷରେ କଳା ହାତୀ ବେଶ
ହୋଇବେ କାଳିଆ ରାଜା
ବଡ଼ଭାଇ ଧଳା ହାତୀ ବେଶ ହେବେ
ବାଜୁଥିବ କେତେ ବାଜା
ବେଶ ଲାଗୁଥିବ ମଜା
ଆମ ନେତା କଳା ହାତୀ ଧଳା ହାତୀ
ଜଗତେ ଉଡଇ ଧ୍ୱଜା ।

ସଂଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ-୯୦୭୮୧୮୫୬୧୬

# ଆ କାଳୀ ଗାଈ ଆ ଲୋ ଆ

**ସୁରମା ମିଶ୍ର**





ଆ କାଳୀ ଗାଈ ଆ ଲୋ ଆ
କ୍ଷୀର ଟିକେ ଦେଇ ଯା ଲୋ ଯା
ଭୋକରେ କାନ୍ଦୁଛି ମୋ କୁନି ଭାଇ
ମାଆଟି ଆମର ନାହିଁ ଲୋ ନାହିଁ ॥

ଚାଲି ଗଲା ସିଏ ସରଗପୁର
ଭାଇ କାନ୍ଦୁଅଛି ହୋଇ ଆତୁର
ବାପା ଯାଇଥିଲେ ଦାଦନ ଖଟି
ଏଯାଏଁ ଆସି ନାହାନ୍ତି ଲେଉଟି ॥

ଗୋମାତା ତୁ ପରା ମାଆ ସମାନ
ରଖଲୋ ବାରେ ମୋ ଭାଇ ଜୀବନ
କ୍ଷୀର ଟିକେ ଦେଲେ ପିଆଇ ଦେବି
କାନ୍ଦଟି ଲୋ ତାର ବନ୍ଦ କରିବି ॥

ଗାଈଟିର ମନ ତରଳି ଗଲା
ଢଳିଢଳି ଆସି ଠିଆ ହୋଇଲା
ଜାଗାଟିଏ ଘରୁ ଆଣି ଭଉଣୀ
କ୍ଷୀର ଦୁହିଁ ନେଇ ରଖିଲା ଛାଣି ॥

ଗୋ ମାତା ପୟରେ ମୁଣ୍ଡିଆ ମାରି
ଘରକୁ ଫେରିଲା କ୍ଷୀରକୁ ଧରି
ଚୁଲି ଜାଳି କ୍ଷୀର ଗରମ କଲା
ଥଣ୍ଡା କରି ଭାଇକୁ ପିଆଇଲା ॥

ପେଟ ପୁରିଲାରୁ ଭାଇଟି ତାର
ଆଉ କାନ୍ଦିଲାନି ହୋଇ ଅଧିର

ଭଉଣୀର ମନ ହୋଇଲା ଖୁସି
ସରାଗେ ଭାଇକୁ ଦେଲା ଆଉଁସି ॥

ନିଘୋଡ଼ ନିଦରେ ଭାଇ ଶୋଇଲା
ଖୁସିରେ ଭଉଣୀ ତାଳି ମାରିଲା
ଜାଣ ପିଲାମାନେ ଜାଣରେ ଜାଣ
ଗୋମାତା ଅଟଇ କେଡ଼େ ମହାନ ॥

ବିଏଲ୍- ୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫

# ସିନାନ ମଣ୍ଡପେ କଳା ଶ୍ରୀମୁଖ...

**ରାମଚନ୍ଦ୍ର ବେହେରା**



ଜ୍ୟେଷ୍ଠ ପୁନେଇଁରେ ସିନାନ ମଣ୍ଡପେ
ଗାଧେଇବେ କଳା ଦିଅଁ
ସ୍ନାନ ଯାତ ପାଇଁ ଶ୍ରୀକ୍ଷେତ୍ର ଧାମକୁ
ଛୁଟିବ ଭକତ ସୁଅ ।
ଶହେ ଆଠ ଗରା ସୁଶୀତଳ ଜଳ
ସୁନା କୂଅରୁ ଆସିବ
ଭାଇ ଭଉଣୀ ଓ ସୁଦର୍ଶନ ସହ
ଜଗା ସିନାନ କରିବ ।
ସ୍ନାନ ବିଧି ପରେ ଚତୁର୍ଦ୍ଧା ମୂରତି
ଜ୍ୱରରେ ହେବେ ପୀଡିତ
ଉପଚାର ପାଇଁ ଅଣସର ଗୃହେ
ବିଶ୍ରାମ କରିବେ ନାଥ ।
ଦଶମୂଳ ବୁଟି ଫୁଲୁରି ତେଲରେ
ହେବ ଉପଚାର ବିଧି
ଭକତଙ୍କ ଠାରୁ ଦୂରେଇ ରହିବେ
ନହୋଇବ ଅନ୍ନ ନୀତି ।
ବିଶ୍ରାମ କାଳରେ ପଟିଦିଅଁ ପୂଜା
ହେବ ନୀତି ଅନୁଯାୟୀ
ଅଲାରନାଥଙ୍କୁ ଦର୍ଶନ କରିବେ
ଶ୍ରଦ୍ଧାଳୁ ଶ୍ରଦ୍ଧାରେ ଯାଇ ।
ସୁସ୍ଥହେଲା ପରେ ବଡଦାଣ୍ଡେ ପ୍ରଭୁ
ସୁଶୋଭିତ ରଥେ ବସି
ଜନମ ବେଦୀକୁ ଯିବେ ଚକାଆଖି
ମୁରୁକି ମୁରୁକି ହସି ।
କଳା ଶ୍ରୀମୁଖଙ୍କ ତେର ବିଧି ମଧ୍ୟେ
ଦେବସ୍ନାନ ବିଧି ଭିନ୍ନ
ସ୍ନାନ ମଣ୍ଡପରେ ପ୍ରଭୁଙ୍କ ଦର୍ଶନ
ଦେଇଥାଏ କୋଟି ପୂଣ୍ୟ ।

ତେନ୍ତୁଳିପଦା, ଜଗତସିଂହପୁର
ମୋ- ୭୩୫୫୬୩୪୩୪୬



# ସ୍ନାନ ମଣ୍ଡପ

**ନଗେନ୍ଦ୍ରନାଥ ପଟ୍ଟନାୟକ**

ବଡ଼ଦେଉଳେ ସ୍ନାନମଣ୍ଡପ
ରହିଛି ଏକ କୋଣେ
ଆନନ୍ଦ ବଜାର ଉତ୍ତର ପୂରୁବ
କୋଣର ଏକ ଥାନେ ॥
ବଉଳ ମାଳା ପଥରେ ଗଢା
ଏଇ ମଣ୍ଡପ ପରା
ଉତ୍ତର ପୂର୍ବ ଦିଗ ଆଡ଼ିକି
ମୁହଁଟି ତା'ର ଭଲା ॥
ମଣ୍ଡପ ପରେ ରହିଛି ଗୋଟେ
ଜୀଉଙ୍କ ସିଂହାସନ
ଥାପନ ପୁଣି ହୋଇଛି ତହିଁ
ତିନୋଟି ଚକାମାନ ॥
ଜ୍ୟୈଷ୍ଠ ପୂର୍ଣ୍ଣିମା ଦିନ ଠାକୁରେ
ବିଜେ କରନ୍ତି ସେଠି
ଚାଲେ ସେଇଠି ଅବକାଶଠୁ
ସକଳ ନୀତିକାନ୍ତି ॥
ପ୍ରଭୁଙ୍କ ନୀତି ଦେଖିପାରନ୍ତି
ସବୁ ଜାତିର ଲୋକ
ମହାପ୍ରଭୁଙ୍କ ଚକାଆଖିରେ
ଆମ ସବୁରେ ଏକ ॥
ଛୁଆଁ ଅଛୁଆଁ ଭାବର ଥାନ
ନଥାଏ ତାଙ୍କଠାରେ
ସବୁ ଜାତିର ଭାଗ୍ୟର ଡୋରି
ରହିଛି ତାଙ୍କ କରେ ॥
ମଣ୍ଡପ ପରେ ତିନୋଟି ଦିଅଁ
ବିଜେ କରନ୍ତି ଆସି
ଶହେ ଆଠଟି ଗରା ଜଳରେ
କରନ୍ତି ସ୍ନାନ ହସି ॥

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ଲକ୍ଷ୍ମୀ ସାଗର କେନାଲ ରୋଡ
ମୋ- ୯୪୩୮୩୩୨୧୩୮

# ସଭିଙ୍କ ମୁଖରେ ଫୁଟାଇବା ହସ

**ଜୟକୃଷ୍ଣ ସାହୁ**



ସରିଗଲା ଖରାଛୁଟି
ହସଖୁସି ଖେଳରେ
ଏବେ ଯିବା ଇସ୍କୁଲ
ସାଙ୍ଗସାଥୀ ମେଳରେ ।
ସହଳ ସକାଳୁ ଉଠି
ନିତ୍ୟ କର୍ମ ସାରିବା
ମାଆ ଯାହା ଦେବେ ଖାଇ
ବସ୍ତାନୀଟି ଧରିବା ।
ସାଙ୍ଗସାଥୀ ମେଳେ ଯିବା
ଇସ୍କୁଲ ସହଳ
କାଳେ ରାସ୍ତାଘାଟ ସବୁ
ହୋଇଯିବ ଗହଳ ।
ଗୁରୁଜୀ ଯା' ପଢ଼ାଇବେ
ମନଦେଇ ପଢ଼ିବା
ସାଙ୍ଗସାଥୀ ହୋଇ ଆମେ
ସୁସମ୍ପର୍କ ଗଢ଼ିବା ।
ପାଠ ପଢ଼ି ଦେଶ ଗଢିବାକୁ
ନେବା ଶପଥ
ମନ୍ଦ କାମ କରିବାରୁ
ରହିବାରେ ବିରତ ।
ମାଆ ପାଇଁ ଲଗାଇବା
ଗଛ ଆଣି ଗୋଟିଏ
ଗୋଟିଏ ଗୋଟିଏ ହୋଇ
ଗଛ ହେବ କୋଟିଏ ।
ହସ ଫୁଟାଇବା ଆମେ
ଦେଶବାସୀ ମୁଖରେ
କରିବା କାମନା ସର୍ବେ
ରହିଥାନ୍ତୁ ସୁଖରେ ।

କପିଳପ୍ରସାଦ, ଭୁବନେଶ୍ୱର-୨

# କୁନି ଝିଅ ଓ ପରଜାପତି

**କୀର୍ତ୍ତନ ସାହୁ**

ଦେଖରେ ଉଡୁଛି ପରଜାପତି
ଫୁଲରେ ରହିଛି ତାହାର ମତି
କୁନି ଝିଅ ସେଠି ଯାଏ
ଆ' ମୋ ହାତରେ
ଧରା ଦେ' ବୋଲି
ଆଦରରେ ତାକୁ କହେ ।
ପରଜାପତିଟି କହେ ହେ ଦିଦି
କାହିଁ ପାଇଁ ତୁହି କରୁଛୁ ଜିଦି
ଉଡ଼ିବା ତ ମୋର କାମ
ଫୁଲେ ଫୁଲେ ଉଡ଼ି
ଖୁସି ଦିଏ ବୋଲି
କହନ୍ତି ଟିକିନା ଶ୍ୟାମ ।
ତୁ' ଖେଳ ଯାଇ ତୋ ସାଥୀ ମେଳେ
ମୁଁ' ଖେଳୁ ଅଛି ମୋ ସାଥୀ ମେଳେ
ମନ ଆମ ଖୁସି ରହୁ
ଆମେମାନେ ସବୁ
ଖେଳୁଛନ୍ତି ବୋଲି
ଦୁନିଆ ଆମକୁ କହୁ ।
କୁନି ଝିଅ ଆମ ବୁଝି ତ ଯାଏ
ଧରିବନି ବୋଲି ଶପଥ ନିଏ
ପରଜାପତିକୁ କହେ
ନିଜ ସାଙ୍ଗ ମେଳେ
ଖେଳିଲେ ଆମେରେ
ଖୁସିର ମଳୟ ବହେ ।
ଆମେ ଦୁହେଁ ମିଶି ବସିବା ମିତ
ଖୁସି ହୋଇ ଆମେ ଗାଇବା ଗୀତ
କେତେ ଯେ ବଢିଆ ହେବ
ବଗିଚାରେ ଆମେ
ଦୁହେଁ ଖେଳୁଥିଲେ
କେତେ ଖୁସି ଆଣି ଦେବ ।

ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର
ଦୂରଭାଷ- ୯୪୩୮୪୧୪୭୦୧

# ଦିନକୁ ଦିନ ବଢୁଛି ତାତି

**ସୁଜିତ କୁମାର ମିଶ୍ର**



ଦିନକୁ ଦିନ ବଢୁଛି ତାତି
ଧରାପୃଷ୍ଠରେ ଆମ,
ଜୀବଜଗତ କଷଣ ସହି
କରୁଛନ୍ତି ଯେ କାମ ।

ଗଛ ଗୁଡିକ ଦିଶୁଛି ଥୁଣ୍ଟା
ଶୁଖୁଛି କୂଅ, ନଈ,
ଦେହଟି ଓଦା ଲାଗୁଛି ବେଶୀ
ଝାଳରେ ଭିଜୁଥାଇ ।

ବଢୁଛି ତାତି ଶୁଭୁନି ଆଉ
ମଧୁର କୋଳାହଳ,
ସବୁ ଖୋଜନ୍ତି ଆତୁର ହୋଇ
ମୃଦୁ ଶୀତଳ ଜଳ ।

ବୁଲୁନି ପଙ୍ଖା ଘଣ୍ଟାକୁ ଘଣ୍ଟା
ନାହିଁ ପବନ ଗୀତ,
ମାଡି ଆସୁଛି ବେଳକୁ ବେଳ
କାଳ ବୈଶାଖୀ ସ୍ରୋତ ।

କୁନା ଜେଜେଙ୍କୁ ପଚାରୁଥିଲା
ବଢୁଛି କାହିଁ ତାତି
ବୁଝାଇ ଦେଲେ କାରଣ ଗୋଟି
ବୁଝିଲା ତାଙ୍କ ନାତି ।

ଗଛକୁ କାଟି ଦେଉଛୁ ବୋଲି
ବରଷା ହେଉନାହିଁ,
ତାତି ବଢୁଛି ଦିନ ଓ ରାତି
ଧରାପୃଷ୍ଠକୁ ଛୁଇଁ ।

ସଭିଏଁ ମିଶି ବୃକ୍ଷ ରୋପଣ
କରିଲେ ନିତିଦିନ,
ତାତିର ଭୟ ଛାଡି ତ ଯିବ
ମରତୁ ପ୍ରତିକ୍ଷଣ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨



# ଗଣନାକାରୀ କରିବେ ସଂଶୋଧନ

**ମହେନ୍ଦ୍ର କୁମାର ଘଡ଼େଇ**

ସବୁ ଭିତରେ ଆଗ ମୋ' ଦେଶ
ହିତ ଦେଖିବି ମୁହିଁ
କାଳିମାବୋଳା କାମଠୁଁ ସଦା
ଦୂରେ ରହିବି ଚାହିଁ ।
ଯିଏ ଯେଉଁଠି ରହିବୁ ପଛେ
ଗୋଟିଏ ପରିଚୟ
ଗୋଟିଏ ଦେଶେ ଗୋଟିଏ ଥାନେ
ଥିଲେ କି ଡର ଭୟ !
ସୁଯୋଗ ଏବେ ହାତ ପାଖକୁ
ଆଣି ଆସିଛି ଦେଶ
ସଜାଡ଼ି ଦେଲେ ଭରମ ମୁହେଁ
ଫୁଟିବ ମିଠା ହସ ।
ଘରକୁ ବୁଲି ଗଣନାକାରୀ
କରିବେ ସଂଶୋଧନ
ସ୍ୱତନ୍ତ୍ର ଏଇ ସଘନ କାମେ
ରଖିବା ଆମ ମନ ।
ଯା'ର ନାଁ ନାହିଁ ଉଠାଇ ଦେଇ
ଅସଲ ପରିଚୟ
ଲୁଚା ଛପାରେ ଗୋପନକାରୀ
ଯିବାଟା ହେବ ଥୟ ।
ପେଶା ନିଶାରେ ଲୋଭେ ଗୋପଟେ
କିଏ ବାହାରୁ ଆସି
ଆମରି ସୁଖ ଛଡ଼େଇ ନେଇ
ହିତ ଥାଆନ୍ତି ନାଶି ।
ସଚେତନରେ ଆଗେଇ ଆସ
ସଠିକ୍ ଗଣା ପାଇଁ
ସ୍ୱଚ୍ଛ ନିର୍ମଳେ ଦେଶ ପ୍ରଗତି
ଆଗକୁ ନେବା ବାହି ।
ଅନ୍‌ଲାଇନ୍ ପରିଗଣନା
କରି ପାରିବା ହାତେ
ଆଧାର ଦେଇ ସ୍ଥିର ରହିବା
ଭୋଟର ଅଛେ ଯେତେ ।

କ୍ଷେତ୍ରମୋହନ ବିଦ୍ୟାପୀଠ,
କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି
ମୋ-୯୪୩୭୭୪୦୫୬୬

# ନୂଆକରି ଯାଏ ବିଦ୍ୟାଳୟ ମୁହିଁ

**ନିରଞ୍ଜନ ସାହୁ**



ନୂଆ ନୂଆ ଏବେ ବିଦ୍ୟାଳୟକୁ ମୁଁ
ପାଠପଢ଼ି ଗଲାବେଳେ
ପାଠ ପଢ଼ାରେ ମୋ ମନ ଲାଗେନାହିଁ
ସାଙ୍ଗସାଥି ସାଥେ ଖେଳେ ।
ନୂଆ ନୂଆ ସାଙ୍ଗ ଯୋଡ଼ି ହୋଇଯାନ୍ତି
ମୋହରି ସହିତ ପୁଣି
କିଏ ଭଲ ଲାଗେ କିଏ ମନ୍ଦ ଲାଗେ
କିଏ ମୂର୍ଖ କିଏ ଗୁଣୀ ।
କେଉଁ ଗୁରୁଜୀଙ୍କୁ ଭାରି ଡର ଲାଗେ
ତାଙ୍କ ମୋଟା ନିଶ ଦେଖି
କେଉଁ ଗୁରୁମାଆ ପାଠ ପଢ଼ାଇଲେ
ଖାତାରେ ଦିଏ ମୁଁ ଲେଖି ।
ପାଠ ପଢିବାକୁ ଯାଉଥାଏ ସିନା
ମନ ରହିଥାଏ ଘରେ
ମାଆ ମୁହଁ ମୋତେ ଦିଶିଯାଉଥାଏ
ମୋ ଆଖିରୁ ଲୁହ ଝରେ ।
ଏଇ ସନ ବାପା ବିଦ୍ୟାଳୟେ ମୋର
ଲେଖାଇ ଅଛନ୍ତି ନାଆଁ
ବିଦ୍ୟାଳୟ ମୋତେ ନେବା ଆଣିବାରେ
ଚାଲଇ ଦଉଡ ଧାଆଁ ।
ବିଦ୍ୟାଳୟେ ବେଳେବେଳେ ନିଦ ଲାଗେ
ଶୋଇବାକୁ ହୁଏ ମନ
ଗୁରୁଜୀଙ୍କ ବଡ଼ ପାଟି ଶୁଣିକରି
ନିଦ ଭାଙ୍ଗେ ଘନଘନ ।
ମଧ୍ୟାହ୍ନ ଭୋଜନ ରୁଚେ ନାହିଁ ମୋତେ
ବାଧରେ ସିନା ମୁଁ ଖାଏ
ଘରକୁ ଫେରିଲେ ମାଆ ବାଢ଼ିଦେଲେ
ଅପାର ଆନନ୍ଦ ପାଏ ।
ମାଆ ପଚାରଇ, 'କଅଣ ପଢ଼ିଲୁ
କହିବୁ କି ଧନ ମୋତେ'
ମୁଁ କହଇ, 'ମାଆ ପାଠ ପଢ଼ିବିନି
ଘରେ ଛାଡ଼ିକରି ତୋତେ ।
ସାଥି ହୋଇ କାଲି ବିଦ୍ୟାଳୟ ଯିବା
ତୁ ବସିବୁ ମୋର ପାଶେ
ମନ ଲଗାଇକି ପାଠ ମୁଁ ପଢ଼ିବି
ଏ ଭାବନା ମନେ ଆସେ ।'
ମାଆ ହସିଦିଏ ମୋ କଥା ଶୁଣିକି
ମୁହିଁ ଚାହିଁଥାଏ ତାକୁ
ମନେମନେ ଭାବେ କେଡେ ବୋକାଟାଏ
ବୁଝୁନାହିଁ କଥାଟାକୁ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ- ୯୯୩୮୭୪୧୫୮୩

# ଫେରିଯା ଖରା

**ପ୍ରଶାନ୍ତ କୁମାର ଦାଶ**



ଚାଲି ହେଉନି ସଡ଼କ ଛାତି
ତାତିଛି ନିଆଁ ପରି
ଖରାତ ରଖେ ଘର ଭିତରେ
ସଭିଙ୍କୁ ବନ୍ଦୀକରି ।।

ଗଛତ ସବୁ ହେଇଚି କଟା
ଛାଇ ଟିକିଏ ନାହିଁ
ଖସୁନି ଜମା ବରଷା ଟୋପା
ଫାଟି ଗଲାଣି ଭୂଇଁ ।।

ଘରେ ବାହାରେ ଖରାର ଦାଉ
ଗରମ ଲାଗେ ଅତି
ଟିକିଏ ଭଲ ଲାଗୁଚି ସଞ୍ଜ
ପରେ ବଢିଲେ ରାତି ।।

ଗୁଳୁମୁଳିରେ ବାହାରେ ଝାଳ
ଦେହ ଘିମିରି ଭରା
ବଳକୁ ବେଳ ସହିହେଉନି
ନିଆଁ ସମାନ ଖରା ।।

ଲେମ୍ବୁ ମିଶିରି ପଇଡ ଦହି
ପିଇବା ପାଇଁ ମନ
ଦେହରେ ଥିଲେ ଜଳୀୟ ଅଂଶ
ମନଟି ଛନ ଛନ ।।

ଆ'ରେ ମେଘ ଦେଏ ବରଷା
ଖରାଟି ଯାଉ ଫେରି
ଖୁସୀରେ ଆମେ କାଟିବୁ ଦିନ
ଟିକେ ନକରି ଡେରି ।।

ବରଷା ଭିଜା ମାଟିରେ ଦେବୁ
କେତେଯେ ଗଛ ପୋତି
ଗଛଟି ସତେ ମଣି ମାଣିକ
ହୀରା ମୁକୁତା ମୋତି ।।

କୁଞ୍ଜର-ସଙ୍ଗଲାଇ, ପିପିଲି-ପୁରୀ
ମୋ-୯୬୬୮୮୨୨୧୯୦

# ବାପାଙ୍କ ତ୍ୟାଗ



ସୁବ୍ରତ କୁମାର ଦାସ



ରାହୁଲ ତୃତୀୟ ଶ୍ରେଣୀର ଛାତ୍ର ଥିଲା । ଦିନେ ସ୍କୁଲକୁ ଯିବା ବେଳେ ସେ ଦେଖିଲା ତା ଜୋତାର ଗୋଟିଏ ଫିତା ଛିଣ୍ଡିଯାଇଛି । ସେ ରାଗିଯାଇ କହିଲା, ଛି- ମୁଁ ଏହି ଜୋତା ପିନ୍ଧି ସ୍କୁଲ ଯିବିନି ! ତା' ବାପା ହରି ବାବୁ ଜଣେ ଦିନ ମଜୁରିଆ ଥିଲେ । ସେ ହସି କହିଲେ, ଆରେ ବାବା- ଆଜି ଏହାକୁ ପିନ୍ଧି ଯା, ସନ୍ଧ୍ୟାରେ ମୁଁ ଠିକ୍ କରିଦେବି । କିନ୍ତୁ ରାହୁଲ ଅଭିମାନ କରି ଘରେ ବସି ରହିଲା । ବାପା କିଛି ନକହି କାମକୁ ଚାଲିଗଲେ । ସନ୍ଧ୍ୟାରେ ରାହୁଲ ଦେଖିଲା, ବାପା ଖୁବ୍ ଥକ୍କା ଦେହରେ ଘରକୁ ଫେରିଛନ୍ତି । ତାଙ୍କ ହାତ, ଗୋଡ଼ରେ ସିମେଣ୍ଟ, ଧୂଳି ଲାଗିଥିଲା । କିନ୍ତୁ କବାଟ ପାଖରେ ଗୋଟିଏ ନୂଆ ଜରି ଖୋଳ ରହିଥିଲା । ସାରା ଦିନ ପରିଶ୍ରମ କରି ସେହି ଅର୍ଜିତ ପଇସାରେ ସେ ନୂଆ ଜୋତା ରାହୁଲ ପାଇଁ ଆଣିଥିଲେ । ମା' କହିଲେ- ତୋ ବାପା ନିଜ ପାଇଁ କିଛି କିଣନ୍ତିନାହିଁ, କିନ୍ତୁ ତୋର ଛୋଟ ଖୁସି ପାଇଁ କେତେ କଷ୍ଟ କରନ୍ତି । ସେହି କବାଟ ପାଖରେ ରହିଛି ତୋର ନୂଆ ଜୋତା । ରାହୁଲ ନିଜ ଭୁଲ୍ ବୁଝିପାରିଲା । ସେ ବାପାଙ୍କ ପାଖକୁ ଯାଇ କହିଲା, 'ବାପା, ମୋତେ କ୍ଷମା କରନ୍ତୁ । ମୁଁ ଆପଣଙ୍କ କଷ୍ଟ ବୁଝିପାରିନଥିଲି ।' ବାପା ତାକୁ କୋଳେଇ ନେଲେ । ରାହୁଲ ଅନୁଭବ କଲା, ବାପାଙ୍କ ଭଲପାଇବା କଥାରେ ନୁହେଁ, ତାଙ୍କ ତ୍ୟାଗ ଓ ପରିଶ୍ରମରେ ଲୁଚି ରହିଥାଏ । ଯାହା କେହି ସହଜରେ ବୁଝିପାରନ୍ତିନାହିଁ । ରାହୁଲ ଆଖିରୁ ଲୁହ ଗଦ୍ ଗଦ୍ ହୋଇ ଝରିପଡ଼ିଲା । ବାପା, ମା' ତାକୁ ଆଦରରେ କୁଣ୍ଢାଇ ପକାଇଲେ ଏବଂ କହିଲେ, ବାବା- ସବୁବେଳେ ମାତାପିତାଙ୍କ ତ୍ୟାଗ ଓ ପରିଶ୍ରମକୁ ସମ୍ମାନ କରିବା ଉଚିତ୍ ।

ରାଜେନ୍ଦ୍ରପୁର, ବାରିକପୁର
ବଜାର, ଭଦ୍ରକ
ମୋ-୯୪୩୭୭୩୧୯୦୩

# କନିଷ୍ଠ ବିଶ୍ୱ ବନ୍ଧୁକଚାଳନା : ବଂଶିକା-ଶିବଙ୍କୁ ରୌପ୍ୟ




**ସୁଲ୍**

ଭାରତୀୟ ଯୋଡ଼ି ବଂଶିକା ଚୌଧୁରୀ ଓ ଶିବ ନରୱାଲ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ କନିଷ୍ଠ ବିଶ୍ୱ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଛନ୍ତି । ୧୦ ମିଟର ଏୟାର ପିସ୍ତଲ ମିଶ୍ରିତ ଯୁଗଳରେ ଏହି ଭାରତୀୟ ଯୋଡ଼ି ୪୬୯.୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ ।

ପୋଲାଣ୍ଡର ମାଲଗୋର୍ଜାଟା ଡାବ୍ରୋସ୍କି ଓ ଇଭାନ ରାକିସ୍କି (୪୭୧.୯) ପ୍ରଥମ ସ୍ଥାନରେ ରହିଥିଲେ । ଚାଇନିଜ୍ ତାଇପେର ଚେଙ୍ଗ ୟେ-ଚିଙ୍ଗ ଓ ସି ସିଆଙ୍ଗ-ଚେନ୍ (୪୧୦.୦) କାଂସ୍ୟ ପାଇଥିଲେ । ଭାରତ ଏହି ରୌପ୍ୟ ପଦକ ସହ ଟେବୁଲର ଶୀର୍ଷ ସ୍ଥାରେ ରହିଛି । ଭାରତ ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୭ କାଂସ୍ୟ ସହ ମୋଟ ୧୬ ପଦକ ପାଇଛି । ଏହି ପ୍ରତିଯୋଗିତାରେ ୭୦ ମହାସଂଘରୁ ୮୦୦ରୁ ଊର୍ଦ୍ଧ୍ୱ ସୁଟର ଯୋଗ ଦେଇଛନ୍ତି । ଜୁନ୍ ୨୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଭାରତରୁ ୮୪ ଜଣ ଅଂଶ ଗ୍ରହଣ କରିଛନ୍ତି ।

# ଆଇସିସି ର୍ୟାଙ୍କିଂ : କୋହଲିଙ୍କୁ ଟପିଲେ ଶୁବମନ ଗିଲ୍, ନଂ୧ ସ୍ଥାନ ହରାଇଲେ ବୁମ୍ରା




**ନୂଆଦିଲ୍ଲୀ**

ଆଇସିସି ପକ୍ଷରୁ ବୁଧବାର ଜାରି କରାଯାଇଥିବା ସଦ୍ୟ ର୍ୟାଙ୍କିଂରେ ଅନେକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି । ବିଶେଷକରି ଟେଷ୍ଟ କ୍ରିକେଟରେ ଏହି ପରିବର୍ତ୍ତନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଦୀର୍ଘ ଦିନ ଧରି ଶୀର୍ଷରେ ରହିଥିବା ଭାରତୀୟ ଦ୍ରୁତ ବୋଲର ଜସପ୍ରୀତ ବୁମ୍ରା ନିଜର ନମ୍ବର ୱାନ୍ ସ୍ଥାନ ହରାଇଛନ୍ତି । ତାଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡର ଘାତକ ବୋଲର ମ୍ୟାଟ୍ ହେନରୀ ନମ୍ବର ୱାନ୍ ବୋଲର ହୋଇଛନ୍ତି ।

ମ୍ୟାଟ୍ ହେନରୀ ଏବଂ ଜସପ୍ରୀତ ବୁମ୍ରା ଉଭୟଙ୍କର ବର୍ତ୍ତମାନ ୮୭୦ ରେଟିଂ ପଏଣ୍ଟ ଲେଖାଏଁ ରହିଛି । ଗତ ବର୍ଷଠାରୁ କୌଣସି ଟେଷ୍ଟ ମ୍ୟାଚ୍ ଖେଳି ନ ଥିବା ବୁମ୍ରା ନଭେମ୍ବର ୨୦୨୪ରୁ ର୍ୟାଙ୍କିଂର ଶୀର୍ଷରେ ଥିଲେ । କିନ୍ତୁ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୧୧ ୱିକେଟ ନେଇ ମ୍ୟାଚ୍‌ର ଗତିପଥ ବଦଳାଇ ଦେଇଥିବା ୩୪ ବର୍ଷୀୟ ମ୍ୟାଟ୍ ହେନରୀ ବର୍ତ୍ତମାନ ଶୀର୍ଷ ସ୍ଥାନ ଅକ୍ତିଆର କରିଛନ୍ତି । ନ୍ୟୁଜିଲାଣ୍ଡ ଏହି ମ୍ୟାଚ୍‌ରେ ଇଂଲଣ୍ଡକୁ ୨୫୩ ରନରେ ପରାସ୍ତ କରିଥିଲା । ଏହି ସଫଳତା ସହ ହେନରୀ ନ୍ୟୁଜିଲାଣ୍ଡର ତୃତୀୟ ବୋଲର ଭାବେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି । ତାଙ୍କ ପୂର୍ବରୁ ଜ୍ୟାକ୍ କୋଉ (୧୯୪୭) ଓ ରିଚାର୍ଡ ହ୍ୟାଡଲି (୧୯୮୪-୧୯୯୦) ଏହି ଗୌରବ ହାସଲ କରିଥିଲେ ।

ସେହିପରି ଟେଷ୍ଟ ବ୍ୟାଟିଂରେ ଇଂଲଣ୍ଡର ଅଭିଜ୍ଞ ଖେଳାଳି ଜୋ ରୁଟ୍ ପୁଣି ଥରେ ନିଜର ଆଧିପତ୍ୟ ଫେରି ପାଇଛନ୍ତି । ୮୭୧ ପଏଣ୍ଟ ସହ ସେ ବର୍ତ୍ତମାନ ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି । ହ୍ୟାରି ବ୍ରୁକଙ୍କ ସହ ତାଙ୍କର ଏହି ଲଢ଼େଇ ଗତ ୧୮ ମାସ ମଧ୍ୟରେ ଛଅ ଥର ଦେଖିବାକୁ ମିଳିଛି । ବ୍ରୁକ ସଦ୍ୟ ରାଙ୍କିଂରେ ଦ୍ୱିତୀୟ ସ୍ଥାନକୁ ଖସି ଆସିଥିବା ବେଳେ, ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍ ତୃତୀୟ ସ୍ଥାନରେ ରହିଛନ୍ତି । ଅନ୍ୟପଟେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ସିରିଜ୍ ପରେ ଦିନିକିଆ ବ୍ୟାଟିଂ ର୍ୟାଙ୍କିଂରେ ବଡ଼ ପରିବର୍ତ୍ତନ ଆସିଛି । ଭାରତୀୟ ଅଧିନାୟକ ଶୁବମନ ଗିଲ୍ ୭୯୧ ପଏଣ୍ଟ ସହ ତିନି ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି । ଫିଟନେସ୍ ସମସ୍ୟା ଯୋଗୁଁ ଆଫଗାନିସ୍ତାନ ସିରିଜରୁ ବାଦ୍ ପଡ଼ିଥିବା ବିରାଟ କୋହଲି ତୃତୀୟ ସ୍ଥାନକୁ ଖସି ଆସିଛନ୍ତି । ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ବର୍ତ୍ତମାନ ଦିନିକିଆ ବ୍ୟାଟିଂରେ ଶୀର୍ଷରେ ରହିଛନ୍ତି । ଆଫଗାନିସ୍ତାନ ସିରିଜରେ ଶତକ ହାସଲ ମାରିଥିବା ଈଶାନ କିଶନ ମଧ୍ୟ ୨୧ ସ୍ଥାନ ଉପରକୁ ଉଠି ୪୩ତମ ସ୍ଥାନରେ ପହଞ୍ଚିଛନ୍ତି । ବୋଲିଂ ବିଭାଗରେ ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ୱାଶିଂଟନ୍ ସୁନ୍ଦରଙ୍କ ର୍ୟାଙ୍କିଂରେ ବେଶ୍ ଉନ୍ନତି ପରିଲକ୍ଷିତ ହୋଇଛି ।

ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ଟି-୨୦ ସିରିଜ୍ ଅଷ୍ଟ୍ରେଲିଆ ୩-୦ରେ କ୍ଲିନ୍ ସୁଇପ୍ କରିଛି । ଏହାର ପ୍ରଭାବ ମଧ୍ୟ ଖେଳାଳିମାନଙ୍କ ର୍ୟାଙ୍କିଂରେ ସ୍ପଷ୍ଟ ଦେଖିବାକୁ ମିଳିଛି । ଅଷ୍ଟ୍ରେଲୀୟ ଅଧିନାୟକ ମିଚେଲ ମାର୍ଶ ଟି-୨୦ ବ୍ୟାଟିଂରେ ନବମ ସ୍ଥାନକୁ ଉଠିଥିବା ବେଳେ ବୋଲର ନାଥନ ଏଲିସ୍ ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି । ବାଂଲାଦେଶ ପକ୍ଷରୁ ତୌହିଦ ହୃଦୟ ଏବଂ ନସୁମ ଅହମ୍ମଦ ମଧ୍ୟ ନିଜ ନିଜ କ୍ଷେତ୍ରରେ ଭଲ ପ୍ରଦର୍ଶନ କରି ର୍ୟାଙ୍କିଂରେ ଉପରକୁ ମଧ୍ୟ ଉଠିଛନ୍ତି ।

# ଜାତୀୟ କ୍ରିକେଟ୍ ଦଳ ପାଇଁ ଓଡ଼ିଶାର ସମ୍ଭାବନା ଅନନ୍ୟା




**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ମହିଳା କ୍ରିକେଟ୍‌ରେ ବଲାଙ୍ଗୀର ଜିଲ୍ଲାର ଖେଳାଳି ନିଜ ଛାପ ଛାଡ଼ି ଯାଇଛନ୍ତି । ରୋଶନାରା ପରବିନ୍ ଏବଂ ମାଧୁରୀ ମେହେଟ୍ଟାଙ୍କ ପରେ ଏବେ ଅନନ୍ୟା ମିଶ୍ର ଜାତୀୟ ମହିଳା ଦଳରେ ସାମିଲ ହୋଇ ସମ୍ଭାବନା ସୃଷ୍ଟି କରିଛନ୍ତି । ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ପକ୍ଷରୁ ବେଙ୍ଗାଲୁରୁରେ ଉତ୍କୃଷ୍ଟ ପ୍ରଦର୍ଶନ ଜାରି ରଖିଥିବା ମହିଳା କ୍ରିକେଟରଙ୍କ କ୍ୟାମ୍ପ ଆରମ୍ଭ ହେବାକୁ ଯାଉଛି । ଏଥିରେ ଯୋଗଦେବାକୁ ଅନନ୍ୟାଙ୍କୁ ସୁଯୋଗ ମିଳିଛି । ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ଅନନ୍ୟା ମିଶ୍ର ଏହି ଜାତୀୟସ୍ତରୀୟ ଶିବିରରେ ସାମିଲ ହେବେ । ତାଙ୍କର ଏହି ସଫଳତା ସକାଶେ ପିତା ରାଜେନ୍ଦ୍ର ମିଶ୍ର, ମା' ମଞ୍ଜୁଳା ଏବଂ କୋଚ୍ ଅରୁଣ ନାୟକ ଶୁଭେଚ୍ଛା ଜଣାଇଛନ୍ତି । ପରିବାରବର୍ଗଙ୍କ କହିବା ଅନୁସାରେ ୧୨ ବର୍ଷ ବୟସରୁ ଅନନ୍ୟା କ୍ରିକେଟ୍ ପ୍ରତି ଆକର୍ଷିତ ହୋଇଥିଲେ । ପରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ୍‌ରେ କୋଚ୍ ଶ୍ରୀ ନାୟକଙ୍କ ନେତୃତ୍ୱରେ ତାଲିମ ଆରମ୍ଭ କରିଥିଲେ । ଅନନ୍ୟା ପୂର୍ବରୁ ରାଜ୍ୟ ମହିଳା ଦଳର ୧୯ ଓ ୨୩ ବର୍ଷରୁ କମ୍ ବର୍ଗରେ ପ୍ରତିନିଧିତ୍ୱ କରିସାରିଛନ୍ତି । ବଲାଙ୍ଗୀର ଜିଲ୍ଲା ବରିଷ୍ଠ ଦଳର ସେ ଜଣେ ନିୟମିତ ସଦସ୍ୟା । ଏହି ଡାହାଣହାତୀ ଅଲ୍‌ରାଉଣ୍ଡର ବିସିସିଆଇ ପକ୍ଷରୁ ଆୟୋଜିତ ଅଣ୍ଡର-୨୩ ଟି-୨୦ ଏବଂ ଅଣ୍ଡର-୧୯ ଏକ ଦିବସୀୟରେ ନିଜ ପ୍ରତିଭା ଦେଖାଇ ସାରିଛନ୍ତି । ଉଭୟ ରାଜ୍ୟ ଓ ଜାତୀୟସ୍ତରର ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ସେ ଜାତୀୟ ଦଳର ନିୟମିତ ସଦସ୍ୟା ପାଇଁ ଦୃଢ଼ ଦାବିଦାର ପାଲଟିଛନ୍ତି । ଜାତୀୟ ଶିବିରରେ ଯୋଗଦେବା ପୂର୍ବରୁ ଅନନ୍ୟାଙ୍କୁ କ୍ରିକେଟ ତଥା କ୍ରୀଡ଼ାପ୍ରେମୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

# ୟୁକେ ଗସ୍ତ ଲାଗି ଭାରତୀୟ କନିଷ୍ଠ ମହିଳା ହକି ଦଳ ଘୋଷିତ : ଓଡ଼ିଶାରୁ ହର୍ଷରାଣୀ, ପୂଜା, ତନୁଜା, ସୁପ୍ରିୟା



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନୂଆ ପ୍ରଶିକ୍ଷକ ଟିମ୍ ହ୍ୱାଇଟ୍‌ଙ୍କ ନେତୃତ୍ୱରେ ବୁଧବାର ହକି ଇଣ୍ଡିଆ ଆଗାମୀ ୟୁକେ ଗସ୍ତ ଲାଗି ୨୪ ଜଣିଆ ଭାରତୀୟ କନିଷ୍ଠ ମହିଳା ଦଳ ଘୋଷଣା କରିଛି ।

ଏହି ଦଳରେ ଓଡ଼ିଶାରୁ ୪ ଜଣ ହର୍ଷରାଣୀ ମିଞ୍ଜ, ପୂଜା ସାହୁ, ତନୁଜା ଟୋପ୍ପୋ ଓ ସୁପ୍ରିୟା କୁଜୁର ରହିଛନ୍ତି । ଦଳର ନେତୃତ୍ୱ ଭାର ଖାଇଡେମ ଶିଲେଇମା ଚାନୁଙ୍କୁ ମିଳିଛି । ଆଗାମୀ କନିଷ୍ଠ ଏସିଆ କପ୍ ପ୍ରସ୍ତୁତି ଲାଗି ଜୁଲାଇ ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ୯ ଦିନିଆ ଏହି ଗସ୍ତରେ ଭାରତ ମୋଟ ୭ଟି ମ୍ୟାଚ୍ ଖେଳିବ । ପ୍ରଥମେ ସ୍କଟଲାଣ୍ଡ ବରିଷ୍ଠ ଦଳ ସହ ୨ ମ୍ୟାଚ୍ ଖେଳିବା ପରେ ଆମେରିକା, ଇଂଲଣ୍ଡ ଓ ବେଲଜିମୟମ୍ କନିଷ୍ଠ ଦଳ ବିପକ୍ଷରେ ଅନ୍ୟ ୫ ମ୍ୟାଚ୍ ଖେଳି ଗସ୍ତ ଶେଷ କରିବ ।

ଭାରତୀୟ କନିଷ୍ଠ ମହିଳା ଦଳ : ଗୋଲି-ନିଧି, ଇଙ୍ଗିଲ ହର୍ଷରାଣୀ ମିଞ୍ଜ, ଡିଫେଣ୍ଡର- ପୂଜା ସାହୁ, ସୁପ୍ରିୟା, ମଧୁ, ଏଫ୍ ଲାଲବି ଅକ୍‌ସିଆମି, ପାର୍ବତୀ ଟୋପ୍ନୋ, ମିଡ୍‌ଫିଲ୍ଡର-ଖାଇଡେମ ଶିଲେଇମା ଚାନୁ (ଅଧିନାୟକ), ତନୁଜା ଟୋପ୍ପୋ, ସୁପ୍ରିୟା କୁଜୁର, ପୂଜା ମଲ୍ଲିକ, ବିନିମା ଧାନ, ଗୀତା ଯାଦବ, ରୋଶନୀ ଐନ୍ଦ, ତନୁଶ୍ରୀ ଦିନେଶ କାଡ୍ରୁ, ଫରୱାର୍ଡ- ସୁଖବୀର କୌର, ଶଶି ଖାସା, ଲାଲରିନପୁଲି, ନିଶା ମିଞ୍ଜ, ପୂର୍ଣ୍ଣିମା ଯାଦବ, କାଜଲ, ସନିକା ଚନ୍ଦ୍ରକାନ୍ତ ମାନେ, କ୍ରିଷ୍ଣା ଶର୍ମା ।

# କଳିଙ୍ଗ ଷ୍ଟାଡିୟମରେ ୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆଥ୍‌ଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ '୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ୨୦୨୬' ବୁଧବାର ଠାରୁ ଆରମ୍ଭ ହୋଇଛି । କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମିର ପ୍ରଶଂସା କରିଥିଲେ । ଦେଶର ଶ୍ରେଷ୍ଠ ଆଥଲେଟ୍‌ମାନଙ୍କୁ ସ୍ୱାଗତ କରି ସେ ସେମାନଙ୍କର ସଫଳତା କାମନା କରିବା ସହ ଏହି ପ୍ରତିଯୋଗିତା ରାଜ୍ୟ କ୍ରୀଡ଼ା ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବ ବୋଲି ପ୍ରକାଶ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସାଉଥ୍ ଏସିଆନ୍ ଆଥଲେଟିକ୍ସ ଫେଡେରେସନ୍‌ର ସଭାପତି ଡ.ଲଳିତ କୁମାର ଭାନୋଟ୍, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ ଡ.ଯେଦୁଲା ବିଜୟ, ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍ ସଭାପତି ଅଭିଜିତ୍ ପାଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଚାମ୍ପିୟନସିପ୍‌ଟି ଚଳିତ ବର୍ଷ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା 'ଏସିଆନ ଗେମ୍ସ ୨୦୨୬' ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା ପର୍ଯ୍ୟାୟ (କ୍ୱାଲିଫାୟର) ଅଟେ । ଏହି ୫ ଦିନିଆ ପ୍ରତିଯୋଗିତାରେ ଦେଶର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୬୩୦ ଜଣ ଶ୍ରେଷ୍ଠ ଆଥଲେଟ୍ (୩୪୨ ପୁରୁଷ ଓ ୨୮୮ ମହିଳା) ଭାଗ ନେଉଛନ୍ତି । ଏଥିରେ ମୋଟ ୪୫ଟି ମେଡାଲ୍ ଇଭେଣ୍ଟ ରହିଛି, ଯେଉଁଥିରେ ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ହର୍ଡଲ୍ସ ଏବଂ ଜାଭେଲିନ୍ ଥ୍ରୋ ଭଳି ବିଭିନ୍ନ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଅନ୍ତର୍ଭୁକ୍ତ କରାଯାଇଛି । ଏହି ପ୍ରତିଯୋଗିତାରେ ହରିୟାଣାରୁ ସବୁଠାରୁ ଅଧିକ ୭୦ ଜଣ ଆଥଲେଟ୍ ଭାଗ ନେଉଥିବା ବେଳେ ଓଡ଼ିଶାରୁ ୧୨ ଜଣ ମହିଳାଙ୍କ ସମେତ ମୋଟ ୨୮ ଜଣ ଆଥଲେଟ୍ ପ୍ରତିନିଧିତ୍ୱ କରିଛନ୍ତି ।

ଓଡ଼ିଶାର ପ୍ରମୁଖ ଖେଳାଳି ଯେପରିକି ଜାଭେଲିନ୍ ତାରକା କିଶୋର ଜେନା, ଦୌଡ଼ରାଣୀ ଶ୍ରାବଣୀ ନନ୍ଦ, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞା ପ୍ରସାନ୍ତି ସାହୁ ଏବଂ ସବିତା ଟପ୍ପୋ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା ପକ୍ଷରୁ ବାଳିକାମାନଙ୍କ ପାଇଁ ତୃତୀୟ ଦିବସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶିବିର ଉଦ୍‌ଘାଟିତ



**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ବୁଧବାର ତୃତୀୟ ଦିବସୀୟ ପ୍ରଶିକ୍ଷଣ ଶିବିରରେ ବାଳିକା ଖେଳାଳିମାନଙ୍କୁ ଉତ୍ସାହ ଓ ଫୁଟବଲ୍ ଖେଳର ବିଭିନ୍ନ କୌଶଳ ପ୍ରଶିକ୍ଷଣ ପାଇଁ ସମ୍ବଲପୁର ଜିଲ୍ଲା ପ୍ରଶିକ୍ଷକ ବଳରାମ ମାତାରି ଓ ଭାରତର ଜାତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳି ସୁଶ୍ରୀ ଯଶୋଦା ମୁଣ୍ଡା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହ କରିଥିଲେ । ଆଦିତ୍ୟ ଆଲୁମିନିୟମ କାରଖାନାର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ ଉପସ୍ଥିତ ବାଳିକାମାନଙ୍କୁ ଉତ୍ସାହିତ କରିଥିଲେ ଏବଂ କହିଥିଲେ ଯେ ଗ୍ରାମାଞ୍ଚଳର ପ୍ରତିଭା ଅନନ୍ୟ ଓ ସମସ୍ତଙ୍କ ଠାରୁ ଭିନ୍ନ । ଏଥିରେ ସେମାନଙ୍କୁ କୌଣସି ବାଧା ବିଘ୍ନ ରୁକି ପାରିବ ନାହିଁ ।

## ଓଡ଼ିଶା ସରକାର
24001/235/2627
## ରାୟଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

**ସଂଖ୍ୟା-୮୦୭** **ତା-୧୭.୦୬.୨୦୨୬**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, ୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଡୁମେରପଦର,** ତହସିଲ-କାଶୀପୁର, ଥାନା-କାଶୀପୁର, ଜିଲ୍ଲା-ରାୟଗଡ଼ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ନିମନ୍ତେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବେଦାନ୍ତ ଦ୍ୱାରା ସିଜିମାଳି ବକ୍ସାଇଟ ଖଣିରୁ ରାଜ୍ୟ ରାଜପଥ ୪୪ ପର୍ଯ୍ୟନ୍ତ ବକ୍ସାଇଟ ପରିବହନ ପାଇଁ ରାସ୍ତା ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, ୨୦୧୩)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୪୭ ତା.୦୯.୦୨.୨୦୨୬ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଡୁମେରପଦର,** ତହସିଲ-କାଶୀପୁର, ଥାନା-କାଶୀପୁର, ଜିଲ୍ଲା-ରାୟଗଡ଼ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ- କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
ଜିଲ୍ଲା-ରାୟଗଡ଼

| କ୍ର. ନଂ | ଗ୍ରାମର ନାମ | ଗ୍ରା. ପା ନାମ | ତହସିଲ | ଗ୍ରାମାଞ୍ଚଳ /ସହରା ଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ଡୁମେରପଦର | ସୁଙ୍ଗେର | କାଶୀପୁର | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ ଅଛି | ଏଥି ସହ ସଂଲଗ୍ନ ଅଛି | ଏଥି ସହ ସଂଲଗ୍ନ ଅଛି | ଏ ୦.୩୯୬ | ଏ ୦.୩୯୬ | ଏଥି ସହ ସଂଲଗ୍ନ ଅଛି |

**ପ୍ରଯୁଜ୍ୟ ନୁହେଁ**
**ତଫସିଲ- ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

| କ୍ର. ନଂ | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ /ସହରା ଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ପ୍ରଯୁଜ୍ୟ ନୁହେଁ | | | | | | | | | | |

ଅଧିସୂଚନା ବୈଧ ତାରିଖ ....୧୭.୦୬.୨୦୨୬....

ସ୍ୱା/- ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ, ରାୟଗଡ଼

(ଭୂମି ଅଧିଗ୍ରହଣ ଅନୁସୂଚୀ)
**ବେଦାନ୍ତ ଦ୍ୱାରା ସିଜିମାଳି ବକ୍ସାଇଟ ଖଣିରୁ ରାଜ୍ୟ ରାଜପଥ ୪୪ ପର୍ଯ୍ୟନ୍ତ ବକ୍ସାଇଟ ପରିବହନ ପାଇଁ ରାସ୍ତା ନିର୍ମାଣ ନିମନ୍ତେ ଭୂ-ଅର୍ଜନ ହେବାକୁ ଥିବା ରୟତି ଜମିର ତଫସିଲ ବିବରଣୀ**
ମୌଜା :- ଡୁମେରପଦର, ତହସିଲ- କାଶୀପୁର , ଥାନା-କାଶୀପୁର , ଜିଲ୍ଲା-ରାୟଗଡ଼
ବ୍ୟକ୍ତିଗତ ଜମି

| କ୍ର.ନଂ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | କିସମ | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୪୪ | ୩୭୭/୪୩୭/୫୧୭ | ୦.୩୯୬ | ୦.୩୯୬ | ଘରବାରି | ଜୟ ମାଝୀ, ପି: ସମନ୍ଦୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| | | ମୋଟ | ଏ ୦.୩୯୬ | ଏ ୦.୩୯୬ | | |

ସ୍ୱା/- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ,
ରାୟଗଡ଼

OIPR-24001/24169/3/26-27/0006

# ବିଶ୍ୱ ବଜାର ସହ ସୁଦୃଢ଼ ସଂଯୋଗ; ମୋଦୀଙ୍କ ବାଣିଜ୍ୟ ରଣନୀତି ଭାରତକୁ ଦେଉଛି ନୂଆ ଗତି



**ଶ୍ରୀ ପୀୟୂଷ ଗୋୟଲ**
କେନ୍ଦ୍ର ବାଣିଜ୍ୟ ଏବଂ ଶିକ୍ଷ ମନ୍ତ୍ରୀ

ଜୁଲାଇ ୧୫ ତାରିଖ ଦିନ ବ୍ରିଟେନ ସହିତ କାର୍ଯ୍ୟକାରୀ ହେବାକୁ ଯାଉଥିବା ଐତିହାସିକ ବାଣିଜ୍ୟ ଚୁକ୍ତିନାମା ବିଶ୍ୱସ୍ତରୀୟ ସୁଯୋଗ ସୃଷ୍ଟି କରିବ ଏବଂ ଭାରତୀୟ କୃଷକ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.), ମତ୍ସ୍ୟଜୀବୀ, ଷ୍ଟାର୍ଟ-ଅପ୍ ଏବଂ କାରିଗରମାନଙ୍କ ପାଇଁ ଅନେକ ସମୃଦ୍ଧିର ସମ୍ଭାର ଆଣିବ । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ୨୦୪୭ ମିଶନକୁ ଆଗକୁ ଅଗ୍ରସର କରାଇବା ନିମନ୍ତେ ଭାରତୀୟ ନାଗରିକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଅନେକ ନିଯୁକ୍ତି ସୃଷ୍ଟି କରିବ ଏବଂ ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ସାମଗ୍ରୀକୁ ବିଦେଶକୁ ରପ୍ତାନୀ କରିବା ସକାଶେ ପ୍ରୋତ୍ସାହିତ କରିବ ।

ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ପରିବର୍ତ୍ତନଶୀଳ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମା (ସି.ଇ.ଟି.ଏ.) ବ୍ରିଟେନରେ ଭାରତୀୟ ସାମଗ୍ରୀ ପାଇଁ ବ୍ୟାପକ ବଜାର ପ୍ରବେଶକୁ ସୁନିଶ୍ଚିତ କରିବ, ବିଶେଷ କରି ଶ୍ରମ-କେନ୍ଦ୍ରିକ କ୍ଷେତ୍ରଗୁଡ଼ିକ ଏଥିରୁ ପର୍ଯ୍ୟାପ୍ତ ପରିମାଣରେ ଲାଭାନ୍ୱିତ ହେବେ । ଉଭୟ ପକ୍ଷଙ୍କ ନିମନ୍ତେ ଏହି ସୁଫଳ ପ୍ରଦାନକାରୀ ଚୁକ୍ତିନାମା ତୁରନ୍ତ ପ୍ରାୟ ୯୯% ଟାରିଫ୍ ରେଖା ଉପରେ ପୂର୍ବରୁ ପ୍ରଚଳିତ ଥିବା ଶୁଳ୍କକୁ ଦୂର କରିବ, ଯାହା ବାଣିଜ୍ୟ ମୂଲ୍ୟର ପ୍ରାୟ ୧୦୦% କଭର କରିବ ଏବଂ ଏହା ଭାରତୀୟ ରପ୍ତାନି ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବ ।

ପରିବର୍ତ୍ତନଶୀଳ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମା (ସି.ଇ.ଟି.ଏ.) ହେଉଛି ଏକ ଲୋକ-କୈନ୍ଦ୍ରିକ ଚୁକ୍ତିନାମା ଯାହା ଗତ ବର୍ଷ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବ୍ରିଟିଶ ପ୍ରଧାନମନ୍ତ୍ରୀ ସାର୍ କୀର ଷ୍ଟାରମରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା । ଏହା ଉଭୟ ରାଷ୍ଟ୍ରର ଜନସମାଜକୁ ଲାଭ ପ୍ରଦାନ କରିବ । ଚାଷୀମାନେ ସେମାନଙ୍କର ଘରୋଇ ସ୍ୱାର୍ଥ ସହିତ କୌଣସି ପ୍ରତିବାଦ ନକରି ପ୍ରିମିୟମ୍ ରପ୍ତାନି ବଜାରରେ ପ୍ରବେଶର ସୁଯୋଗ ପାଇପାରିବେ । ବିଶାଳ ବ୍ରିଟେନ ବଜାରକୁ ବର୍ଦ୍ଧିତ ସାମୁଦ୍ରିକ ଖାଦ୍ୟ ରପ୍ତାନିରୁ ମତ୍ସ୍ୟଜୀବୀମାନେ ଲାଭ ପାଇପାରିବେ । ଶ୍ରମ-ସଘନ କ୍ଷେତ୍ରଗୁଡ଼ିକରେ ଶ୍ରମିକମାନେ ନୂତନ ନିଯୁକ୍ତି ସୁଯୋଗ ପାଇବେ । ମହିଳା ଉଦ୍ୟୋଗୀ, ଯୁବକ, ଷ୍ଟାର୍ଟ ଅପ୍ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଗୁଡ଼ିକ ବିଶ୍ୱ ମୂଲ୍ୟ ଶୃଙ୍ଖଳରେ ଉନ୍ନତ ପ୍ରବେଶ ପାଇବାର ସୁଯୋଗ ଲାଭ କରିବେ । ବୃତ୍ତିଧାରୀମାନେ ବର୍ଦ୍ଧିତ ଗତିଶୀଳତା ଏବଂ ସ୍ୱୀକୃତି ସୁଯୋଗରୁ ଉପକୃତ ହେବେ ।

କୃଷକମାନେ ଅଧିକ ମାତ୍ରାରେ ହେବେ ଉପକୃତ : ସି.ଇ.ଟି.ଏ ଭାରତୀୟ ଚାଷୀମାନଙ୍କ ପାଇଁ ପ୍ରିମିୟମ୍ ବ୍ରିଟେନ ବଜାରକୁ ଉନ୍ମୁକ୍ତ କରେ, ଯାହା ଅନ୍ୟ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଉପଭୋଗ କରାଯାଉଥିବା ଲାଭ ସହିତ ସମାନତା ରକ୍ଷାକରେ କିମ୍ବା ଏହାକୁ ଅତିକ୍ରମ କରେ । ଏହି ରାଜିନାମା ଦ୍ୱାରା ହଳଦୀ, ଗୋଲମରିଚ, କଞ୍ଚା ଏବଂ ଆମ୍ବ ପଲ୍ପ, ଆଚାର ଏବଂ ଡାଲି ଭଳି ପ୍ରକ୍ରିୟାକୃତ ସାମଗ୍ରୀକୁ ଶୁଳ୍କମୁକ୍ତ ପ୍ରବେଶର ସୁଯୋଗ ମିଳିବ । ଉଚ୍ଚ କୃଷି ରପ୍ତାନି କୃଷି ଆୟ ବୃଦ୍ଧି କରିବ ଏବଂ ଗୁଣବତ୍ତା, ପ୍ୟାକେଜିଂ ଏବଂ ପ୍ରମାଣପତ୍ର ପାଇଁ ଅଧିକ ପ୍ରୋତ୍ସାହନ ସୃଷ୍ଟି କରିବ । ଏହା କୃଷି ମୂଲ୍ୟ ଶୃଙ୍ଖଳରେ ଅନେକ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।

ସେହିଭଳି ଭାବରେ, ସି.ଇ.ଟି.ଏ. ଘରୋଇ ଚାଷୀମାନଙ୍କୁ ସୁରକ୍ଷା ଦେବା ପାଇଁ ଭାରତର ସବୁଠାରୁ ସମ୍ବେଦନଶୀଳ କୃଷି କ୍ଷେତ୍ରଗୁଡ଼ିକୁ ରାଜିନାମାରୁ ବାଦ ଦେଇଛି । ବିଶେଷକରି ଦୁଗ୍ଧ ଉତ୍ପାଦ, ଶସ୍ୟ, ବାଜରା, ସେଓ, ଓଟ୍ସ ଏବଂ ରନ୍ଧନ ତେଲ ସହିତ ଜଡିତ କୃଷକମାନଙ୍କୁ ସୁରକ୍ଷା ଦେବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ବାଦ୍ ଦେବା ମୋଦୀ ସରକାରଙ୍କ ଖାଦ୍ୟ ସୁରକ୍ଷା, ଘରୋଇ ମୂଲ୍ୟ ସ୍ଥିରତା ଏବଂ ଦୁର୍ବଳ ଚାଷୀ ସମ୍ପ୍ରଦାୟକୁ ପ୍ରାଥମିକତା ଦେବାର ରଣନୀତିକୁ ପ୍ରତିଫଳିତ କରେ ।

ଶିଳ୍ପକୁ ପ୍ରୋତ୍ସାହନ : ବିଶାଳ ବ୍ରିଟେନ ବଜାରକୁ ତୁରନ୍ତ ଶୁଳ୍କମୁକ୍ତ ପ୍ରବେଶ ଭାରତୀୟ ଉତ୍ପାଦନକୁ ପୁନର୍ଜୀବିତ କରିବ, ଯାହା ପାରମ୍ପରିକ କାରିଗର, ବଡ ବଡ଼ କାରଖାନା ଏବଂ ଆଞ୍ଚଳିକ ଶିଳ୍ପ କେନ୍ଦ୍ରଗୁଡ଼ିକୁ ପ୍ରଭାବଶାଳୀ ଭାବରେ ପ୍ରତିଯୋଗିତା କରିବାର ସୁଯୋଗ ଯୋଗାଇବ । ଭାରତୀୟ ଉତ୍ପାଦଗୁଡ଼ିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ସ୍ପଷ୍ଟ ପ୍ରତିଯୋଗିତାମୂଳକ ସୁଯୋଗ ହାସଲ କରିବା ସହିତ କ୍ଷୁଦ୍ର ବ୍ୟବସାୟୀମାନେ ସମୃଦ୍ଧ ହେବେ । ଅନ୍ୟାନ୍ୟ ଉତ୍ପାଦ ମଧ୍ୟରେ ଫୁଟବଲ୍ ବଲ, କ୍ରିକେଟ୍ ଗିୟର୍, ରଗବୀ ବଲ୍ ଏବଂ ଖେଳଣା ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକ ବ୍ରିଟେନରେ ସେମାନଙ୍କର ବ୍ୟବସାୟକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିବାକୁ ପ୍ରସ୍ତୁତ ହୋଇଛନ୍ତି । ଶୁଳ୍କ ହଟାଯିବା ଦ୍ୱାରା ଦୀର୍ଘକାଳୀନ ଶୁଳ୍କ ପ୍ରତିବନ୍ଧକଗୁଡ଼ିକୁ ସମାଧାନ କରାଯିବ, ବିଶେଷକରି ଶ୍ରମ-ସଘନ କ୍ଷେତ୍ରଗୁଡ଼ିକରେ ଏବଂ ରପ୍ତାନି ପ୍ରତିଯୋଗିତା ଏବଂ ପରିମାଣରେ ତୁରନ୍ତ ଲାଭ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । ତିରୁପ୍ପୁରର ତନ୍ତଠାରୁ ବେଙ୍ଗାଲୁରୁର ପ୍ରୟୋଗଶାଳା ପର୍ଯ୍ୟନ୍ତ, ସୁରଟର ହୀରା କାରିଗରଙ୍କଠାରୁ ହାଇଦ୍ରାବାଦର କୋଡରମାନଙ୍କ ପର୍ଯ୍ୟନ୍ତ, ଏହି ଚୁକ୍ତିନାମା ବାସ୍ତବ ଅର୍ଥନୀତିକୁ ସ୍ପର୍ଶ କରେ ।

ସେବା ଏବଂ ବୃତ୍ତିଧାରୀ : ବ୍ରିଟେନ ଏହାର ସବୁଠାରୁ ବ୍ୟାପକ ସେବା ପ୍ରତିବଦ୍ଧତା ମଧ୍ୟରୁ ଗୋଟିଏ ପ୍ରଦାନ କରିଛି, ଯାହା ସମସ୍ତ ପ୍ରମୁଖ ସେବା କ୍ଷେତ୍ର ଏବଂ ଭାରତକୁ ରପ୍ତାନି ଆଗ୍ରହର ୧୩୭ ଉପ-କ୍ଷେତ୍ରକୁ ପୂରଣ କରୁଛି । ବର୍ଦ୍ଧିତ ବଜାର ପ୍ରବେଶ ଏବଂ ନିୟାମକ ନିଶ୍ଚିତତା ଆଇ.ଟି. ଏବଂ ଆଇ.ଟି.-ସକ୍ଷମ ସେବା, ଆର୍ଥିକ ସେବା, ବୃତ୍ତିଗତ ସେବା, ସ୍ୱାସ୍ଥ୍ୟସେବା, ଶିକ୍ଷା, ଇଞ୍ଜିନିୟରିଂ, ଦୂରସଂଚାର ଏବଂ ପରାମର୍ଶ ସେବାଗୁଡ଼ିକରେ ଭାରତୀୟ ସେବା ପ୍ରଦାନକାରୀମାନଙ୍କୁ ସମର୍ଥନ ଯୋଗାଇବ ।

ଭାରତ କୁଶଳୀ ପେସାଦାରମାନଙ୍କ ନିମନ୍ତେ ଅନୁକୂଳ ଗତିଶୀଳତା ବ୍ୟବସ୍ଥା ସୁରକ୍ଷିତ କରିଛି, ଯେଉଁଥିରେ ଚୁକ୍ତିଭିତ୍ତିକ ସେବା ପ୍ରଦାନକାରୀ, ବ୍ୟବସାୟିକ ଯାତ୍ରୀ, ନିବେଶକ, ଯୋଗ ପ୍ରଶିକ୍ଷକ, ସଂଗୀତଜ୍ଞ ଏବଂ ସେଫ୍- ସଭିଏଁ ସାମିଲ ଅଛନ୍ତି । ଏହି ଚୁକ୍ତିନାମା ବ୍ୟବସାୟିକ ପରିଦର୍ଶକ, ଆନ୍ତଃ-କର୍ପୋରେଟ୍ ସ୍ଥାନାନ୍ତରୀ, ଚୁକ୍ତିଭିତ୍ତିକ ସେବା ଯୋଗାଣକାରୀ, ସ୍ୱାଧୀନ ବୃତ୍ତିଗତ ଏବଂ ନିବେଶକଙ୍କ ପାଇଁ ପୂର୍ବାନୁମାନଯୋଗ୍ୟ ଗତିଶୀଳତା ପଥ ମଧ୍ୟ ପ୍ରଦାନ କରେ ।

ଏହା ବ୍ୟତୀତ, ଚୁକ୍ତିନାମା ଅନୁଯାୟୀ ବାର୍ଷିକ ୧,୮୦୦ ଭାରତୀୟ ସେଫ୍, ଯୋଗ ପ୍ରଶିକ୍ଷକ ଏବଂ ଶାସ୍ତ୍ରୀୟ ସଂଗୀତଜ୍ଞ ଉତ୍ସର୍ଗୀକୃତ ଗତିଶୀଳତା ସୁଯୋଗ ପାଇପାରିବେ ।

ଅଭିନବ ମୁକ୍ତ ବାଣିଜ୍ୟ ରାଜିନାମା : ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ, ମୁକ୍ତ ବାଣିଜ୍ୟ ରାଜିନାମାଗୁଡ଼ିକ ସାମଗ୍ରୀ ଏବଂ ସେବାଠାରୁ ବହୁତ ଆଗକୁ ଯାଇ ନୂତନ ମାନଦଣ୍ଡ ସ୍ଥାପନ କରିଛନ୍ତି । ଇ.ଏଫ୍.ଟି.ଏ ରାଷ୍ଟ୍ର ଗୋଷ୍ଠୀ – ଯଥା, ସ୍ୱିଜରଲ୍ୟାଣ୍ଡ, ନରଓ୍ୱେ, ଆଇସଲ୍ୟାଣ୍ଡ ଏବଂ ଲିଚେନଷ୍ଟାଇନ୍ – ସହିତ ଭାରତ ୧୦୦ ବିଲିୟନ ଡଲାର ନିବେଶର ପ୍ରତିଶ୍ରୁତିବଦ୍ଧତା ହାସଲ କରିଛି, ଯାହା ଦଶ ଲକ୍ଷ ସିଧାସଳଖ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ନ୍ୟୁଜିଲ୍ୟାଣ୍ଡ ସହିତ ଏହି ମୁକ୍ତ ବାଣିଜ୍ୟ ରାଜିନାମାରେ, ଦେଶ ୧୫ ବର୍ଷ ମଧ୍ୟରେ ୨୦ ବିଲିୟନ ଡଲାର ନିବେଶ ପ୍ରତିବଦ୍ଧତା ହାସଲ କରିଛି, ଯେତେବେଳେ ଅଷ୍ଟ୍ରେଲିଆ ସହ ହୋଇଥିବା ମୁକ୍ତ ବାଣିଜ୍ୟ ରାଜିନାମା ଭାରତୀୟ ଆଇ.ଟି. କମ୍ପାନୀଗୁଡ଼ିକୁ ଅସୁବିଧାରେ ପକାଇଥିବା ଦୋହରା-କର ସମସ୍ୟାର ସମାଧାନ କରିଛି ।

ବ୍ରିଟେନ ସହିତ ଚୁକ୍ତିନାମାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଦୋହରା ଅବଦାନ ସମ୍ମିଳନୀ । ପରିବର୍ତ୍ତନଶୀଳ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମା (ସି.ଇ.ଟି.ଏ.)ସହିତ କାର୍ଯ୍ୟକାରୀ ହେଉଥିବା ଏହି ଐତିହାସିକ ବ୍ୟବସ୍ଥା, ଭାରତୀୟ କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କୁ ଅସ୍ଥାୟୀ ନିଯୁକ୍ତି ସମୟରେ ବ୍ରିଟେନରେ ଦ୍ୱୈତ ସାମାଜିକ ସୁରକ୍ଷା ଅବଦାନ ଦେବାରୁ ମୁକ୍ତ କରିଥାଏ ।

୭୫,୦୦୦ରୁ ଅଧିକ ଭାରତୀୟ ପେସାଦାର ଏବଂ ୯୦୦ରୁ ଅଧିକ କମ୍ପାନୀ ଅସ୍ଥାୟୀ ବିଦେଶ ନିଯୁକ୍ତିରେ କର୍ମଚାରୀଙ୍କ ପାଇଁ ନିରନ୍ତର ସାମାଜିକ ସୁରକ୍ଷା କଭରେଜରୁ ଉପକୃତ ହେବାର ଆଶା କରାଯାଉଛି ।

ସରକାରଙ୍କ ରଣନୀତି : ୨୦୧୪ ମସିହାରେ ଦେଶର ଅର୍ଥନୀତି ସଂଘର୍ଷ କରୁଥିଲା । ସମ୍ଭାବ୍ୟ ନିବେଶକମାନେ ଭାରତ ଉପରୁ ଆତ୍ମବିଶ୍ୱାସ ହରାଇଥିଲେ । ଏକ ଦଶନ୍ଧିର ନୀତିଗତ ସ୍ଥାଣୁତା ଏବଂ ଦୁର୍ନୀତି ଦ୍ୱାରା ଚିହ୍ନିତ ଏକ କାଳଖଣ୍ଡ ଭାରତକୁ 'ଭଙ୍ଗୁର ପଞ୍ଚ' ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଉଥିଲା ।

ମୋଦୀ ସରକାର ଭାରତୀୟ ଅର୍ଥନୀତିରେ ବିଶ୍ୱସ୍ତରୀୟ ବିଶ୍ୱାସ ପୁନଃନିର୍ମାଣ କରିବା ଏବଂ ନିବେଶକମାନଙ୍କ ପାଇଁ ଏହାକୁ ଆକର୍ଷଣୀୟ କରିବା ନିମନ୍ତେ ଏକ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଥିଲେ । ବିକଶିତ ଦେଶମାନଙ୍କ ସହିତ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍.ଟି.ଏ.) ସ୍ୱାକ୍ଷର କରିବା ପରବର୍ତ୍ତୀ ପଦକ୍ଷେପ ଥିଲା । ମୁକ୍ତ ବାଣିଜ୍ୟ ରାଜିନାମା ବାଣିଜ୍ୟ ନୀତି ବିଷୟରେ ଅନିଶ୍ଚିତତା ହ୍ରାସ କରି ନିବେଶକଙ୍କ ବିଶ୍ୱାସକୁ ମଧ୍ୟ ବୃଦ୍ଧି କରିଛି ।

ସରକାର ବିକଶିତ ଅର୍ଥନୀତିଗୁଡ଼ିକ ସହିତ ଏଭଳି ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍.ଟି.ଏ.) ନୀତି ଅନୁସରଣ କରିଥିଲେ ଯାହା ଦେଶକୁ ବ୍ୟାପକ ବଜାର ପ୍ରଦାନ କରେ ଏବଂ ଭାରତର ମୁଖ୍ୟ ବାଣିଜ୍ୟ ସ୍ୱାର୍ଥ ସହିତ ସିଧାସଳଖ ପ୍ରତିଯୋଗିତା କରେ ନାହିଁ । ଏହା ଉଭୟ ପକ୍ଷଙ୍କ ପାଇଁ ସଫଳତାର ପରିସ୍ଥିତି ସୃଷ୍ଟି କରେ, ପୂର୍ବ ସରକାରଙ୍କ ଦ୍ୱାରା ପ୍ରତିଦ୍ୱନ୍ଦ୍ୱୀମାନଙ୍କ ପାଇଁ ଭାରତର ଦ୍ୱାର ଖୋଲାଯାଇ ଭାରତୀୟ ବ୍ୟବସାୟକୁ ବିପଦରେ ପକାଇବାର ଆଭିମୁଖ୍ୟ ପରିବର୍ତ୍ତେ ଏହା ସୁଯୋଗ ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଭାରତ ବର୍ତ୍ତମାନ ଏକ ସ୍ଥିର ଅର୍ଥନୀତି ଏବଂ ଏକ ଅସ୍ଥିର ବିଶ୍ୱରେ ଜଣେ ବିଶ୍ୱସ୍ତ ଅଂଶୀଦାର ଭାବରେ ବହୁଳ ଭାବେ ସମ୍ମାନିତ । ଏହା ଏକ ଆକର୍ଷଣୀୟ ବଜାର ସହିତ ନିର୍ଭରଯୋଗ୍ୟ ଅଂଶୀଦାର ଭାବରେ ନିଜକୁ ପ୍ରତିଷ୍ଠିତ କରିଛି ଏବଂ ବିଶ୍ୱର ଦ୍ରୁତତମ ବର୍ଦ୍ଧିଷ୍ଣୁ ପ୍ରମୁଖ ଅର୍ଥନୀତି ଭାବରେ ଉଭା ହୋଇଛି । ପଚ୍ଚ ପରିବର୍ତ୍ତନକାରୀ ସଂସ୍କାର, ବ୍ୟବସାୟ କରିବାର ସହଜତାରେ ଉନ୍ନତି, ଛୋଟମୋଟ ତ୍ରୁଟିଗୁଡ଼ିକର ଅପରାଧମୁକ୍ତିକରଣ ଏବଂ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱସ୍ତରୀୟ ପ୍ରତିଷ୍ଠା ଭାରତକୁ ଏକ ଆକର୍ଷଣୀୟ ନିବେଶ ଗନ୍ତବ୍ୟସ୍ଥଳ ଭାବରେ ସ୍ଥିତି ପ୍ରଦାନ କରିବାରେ ସାହାଯ୍ୟ କରିଛି । ଆଜି, ବିଶ୍ୱ ଭାରତର ଅଭିବୃଦ୍ଧି କାହାଣୀରେ ସାମିଲ ହେବାକୁ ଚାହୁଁଛି – ଏବଂ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍.ଟି.ଏ.)ମାନ ସ୍ୱାକ୍ଷର କରିବାକୁ ଚାହୁଁଛି ।

ଏହିସବୁ ବାଣିଜ୍ୟ ଚୁକ୍ତିନାମାଗୁଡ଼ିକ ଘରୋଇ ବଜାର ସମୟକ୍ରମେ ଖୋଲା ହେବା ସ୍ଥିତିକୁ ମଧ୍ୟ ସୁନିଶ୍ଚିତ କରିଛି । ଏହା ଭାରତୀୟ ବଜାରକୁ ଅଧିକ ପ୍ରତିଯୋଗିତାମୂଳକ କରିଥାଏ ଏବଂ ସ୍ଥାନୀୟ ନିର୍ମାତାମାନଙ୍କୁ ପ୍ରତିଯୋଗିତାମୂଳକ ମୂଲ୍ୟରେ ଉଚ୍ଚ-ଗୁଣବତ୍ତା ସାମଗ୍ରୀ ଉତ୍ପାଦନ କରିବାକୁ ଉତ୍ସାହ ଯୋଗାଇଥାଏ, ଯାହା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ମିଶନର ଏକ ପ୍ରମୁଖ ଉପାଦାନ ।

ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ସି.ଇ.ଟି.ଏ. ସମାନ ଏବଂ ମହତ୍ୱାକାଂକ୍ଷୀ ବାଣିଜ୍ୟ ଚୁକ୍ତିନାମାର ଏକ ମାନଦଣ୍ଡ । ଏହା ଭାରତର ମୂଳ ସ୍ୱାର୍ଥକୁ ବ୍ୟାହତ ନକରି ଅବହେଳିତ ବର୍ଗଙ୍କ ପାଇଁ ଆକର୍ଷଣୀୟ ବିଶ୍ୱସ୍ତରୀୟ ସୁଯୋଗର ଦ୍ୱାର ଉନ୍ମୁକ୍ତ କରେ । ଏହା ନୂତନ ଭାରତ କିପରି ବ୍ୟବସାୟ କରେ ତାହାର ଏକ ଜ୍ୱଳନ୍ତ ଉଦାହରଣ ।



# ବରଗଡର ଯୁବଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓଡ଼ିଶା ପାଇଁ ନିନ୍ଦନୀୟ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରେ ଚାଷୀ ଗୋପାଳ କୃଷ୍ଣ ସାହୁ କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିନପାରି ଶେଷରେ ବାଧହୋଇ ଇଚ୍ଛାମୃତ୍ୟୁ ମାଗିବା ଘଟଣା ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି । ସରକାରଙ୍କ ଏହି ଚାଷୀ ମାରଣ ନୀତିକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ ।
ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ବିଧାୟିକା ଶ୍ରୀମତୀ ବର୍ଷା ସିଂ ବରିହା କହିଥିଲେ ଯେ, ବରଗଡ଼ ଜିଲ୍ଲାର ଚାଷୀ ଗୋପାଳ କୃଷ୍ଣ ସାହୁ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ବାରମ୍ବାର ଅଧିକାରୀଙ୍କ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହେବା ଶେଷରେ ବାଧ ହୋଇ ଚରମ ପଦକ୍ଷେପ ସ୍ୱରୂପ ମହାମହିମ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଇଚ୍ଛାମୃତ୍ୟୁ ମାଗିଛନ୍ତି ଏବଂ ସେହି ଇଚ୍ଛାମୃତ୍ୟୁକୁ ଜିଲ୍ଲା ପ୍ରଶାସନ ଗ୍ରହଣ କରିବା ଅତ୍ୟନ୍ତ ଲଜ୍ଜାଜନକ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ସରକାର ଚାହୁଁଛନ୍ତି ଚାଷୀ ଆତ୍ମହତ୍ୟା କରୁ । ରାଜ୍ୟର ଅନେକ ମଣ୍ଡିରୁ ଧାନ ଉଠୁନଥିବାରୁ ଚାଷୀକୂଳ ଚିନ୍ତାରେ ରହିଛି । ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିବାରୁ ମୌସୁମୀ ବର୍ଷାରେ ଭିଜି ଗଜା ହେଲାଣି । ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଅହେତୁକ ଦରବୃଦ୍ଧି ଚାଷୀର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ଚାଷୀକୂଳର ସମସ୍ତ ସମସ୍ୟା ଡବଲ ଇଞ୍ଜିନ ସରକାର ତୁରନ୍ତ ସମାଧାନ କରନ୍ତୁ, ନଚେତ୍ ଚାଷୀକୂଳର ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଲଢ଼େଇ ଜୋରଦାର କରିବ । ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଚାଷୀକୂଳକୁ ୩୧୦୦ ଟଙ୍କା ଦେଉଥିବାର ଡିଣ୍ଡିମ ପିଟୁଥିବା ଡବଲ ଇଞ୍ଜିନ ସରକାର ଅନ୍ୟପଟେ ୧୫ କିଲୋ କଟନୀ ଛଟନୀ କରି ସରକାର ଦୋମୁହାଁ ନୀତିର ପରିଚୟ ଦେଉଛନ୍ତି । ପ୍ରତିଥର ଧାନ ସଂଗ୍ରହ ପାଇଁ ଚାଷୀଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡୁଛି । ମଣ୍ଡି ସମସ୍ୟା, ଟୋକନ ସମସ୍ୟା ଯୋଗୁଁ ଚାଷୀ ତାର ଧାନକୁ ବିକ୍ରି କରିନପାରି ଇଚ୍ଛାମୃତ୍ୟୁ ଭଳି ଚରମ ପଦକ୍ଷେପ ନେବାକୁ ବାଧ ହେଉଛି । ବରଗଡ଼ର ଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓ ଜିଲ୍ଲା ପ୍ରଶାସନ ତାଙ୍କ ଆବେଦନକୁ ଗ୍ରହଣ କରିବା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି । ଏଥିରୁ ସ୍ପଷ୍ଟ ହୋଇଛି ଯେ, ସରକାର କେତେ ଅସହାୟ ହୋଇପଡ଼ିଛନ୍ତି । ଧାନ ବିକ୍ରିର ୨୪ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବାର ପ୍ରତିଶ୍ରୁତି ସରକାର ଦେଉଛନ୍ତି, କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଓଡ଼ିଶାକୁ ନିନ୍ଦିତ ହେବାକୁ ପଡୁଛି । ବିଜୁ ଜନତା ଦଳ ଆଶା କରୁଛି, ସରକାର ଚାଷୀକୂଳ ପ୍ରତି ଯତ୍ନବାନ ହୁଅନ୍ତୁ ଓ ଚାଷୀକୂଳର ସବୁ ସମସ୍ୟା ଦୂର କରନ୍ତୁ ।

# ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ଓ ସଫଳ ବ୍ୟକ୍ତିତ୍ୱର ଅଧିକାରୀ। ସେ ସର୍ବଦା ଦରିଦ୍ର ଅବହେଳିତ, ଦଳିତଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ । ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା । ସେ ସଂଭ୍ରାନ୍ତ ଓ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସମାଜର ଦଳିତ ଓ ନିଷ୍ପେସିତ ବର୍ଗର ଲୋକଙ୍କ ପାଇଁ ସାରା ଜୀବନ ସଂଗ୍ରାମ ଜାରି ରଖିଥିଲେ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ସେ ଯୋଗଦେଇଥିଲେ। ସେତେବେଳେ ଓଡ଼ିଶାର ଛାତ୍ର ଓ ଯୁବକମାନଙ୍କ ଭିତରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଥିଲା ।



ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶ ଦେଶସେବକ ଓ ନିଷ୍ଠାପର କର୍ମୀ ତଥା ଓଡ଼ିଶାର ଦଳିତ, ଅବହେଳିତ, ନିଷ୍ପେସିତଙ୍କ ପ୍ରକୃତ ବନ୍ଧୁ ଏବଂ ଜଣେ ବିପ୍ଳବୀ ଜନନାୟକ। ଦୀନହୀନ ଅବସ୍ଥାରେ କାଳାତିପାତ କରୁଥିବା ଚାଷୀମୂଲିଆଙ୍କ ସେବା କରି ନିଜକୁ ଧନ୍ୟ ମନେ କରୁଥିଲେ । କ୍ଷମତା ନବକୃଷ୍ଣ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱଙ୍କୁ କରାୟତ କରିପାରିନଥିଲା ଓ ଦୁର୍ନୀତି ତାଙ୍କୁ ସ୍ପର୍ଶ କରିପାରି ନଥିଲା। ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଗ୍ରାମ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ ।

# କେନ୍ଦ୍ର କ୍ୟାବିନେଟ୍‌ରେ ଅପରାଜିତା ଷଡ଼ଙ୍ଗୀଙ୍କୁ ସ୍ଥାନ ମିଳିବା ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ:**
କେନ୍ଦ୍ର ସରକାରଙ୍କ ଆସନ୍ତା କ୍ୟାବିନେଟ୍ ସମ୍ପ୍ରସାରଣକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏଥିରେ ଜଣେ ମହିଳା ସାଂସଦଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ ବୋଲି ଆଶା କରାଯାଉଛି। ସେ ପୂର୍ବତନ ୧୯୯୪ ବ୍ୟାଚ୍ ଓଡ଼ିଶା କ୍ୟାଡରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଅପରାଜିତା ଷଡ଼ଙ୍ଗୀ ବୋଲି ଚର୍ଚ୍ଚା ହେଉଛି, ଯିଏ ଦୀର୍ଘ ସମୟ ଧରି ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରି ପ୍ରଶଂସିତ ହୋଇଥିଲେ। ରିପୋର୍ଟ ଅନୁଯାୟୀ, ଅପରାଜିତା ଆଗରୁ ଜିଲ୍ଲା ପ୍ରଶାସନ, ନଗର ପ୍ରଶାସନ ଓ କେନ୍ଦ୍ର ସରକାରୀ ବିଭାଗରେ ଉଚ୍ଚ ପଦରେ କାର୍ଯ୍ୟ କରିଥିଲେ। ସେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ ମଧ୍ୟ ଦାୟିତ୍ୱ ନିଭାଇଥିଲେ। ପ୍ରଶାସନିକ ଅଭିଜ୍ଞତା ଓ ନୀତି ନିର୍ମାଣରେ ତାଙ୍କର ଗଭୀର ଦକ୍ଷତାକୁ ଦୃଷ୍ଟିରେ ରଖି ଦଳ ତାଙ୍କୁ କ୍ୟାବିନେଟ୍‌ରେ ଆଣିବା ବିଷୟରେ ଭାବୁଛି ବୋଲି କୁହାଯାଉଛି। ସେ ପ୍ରଶାସନିକ ଜୀବନରୁ ସ୍ୱଇଚ୍ଛାରେ ଅବସର ନେଇ ରାଜନୀତିରେ ପ୍ରବେଶ କରିଥିଲେ। ପରେ ସେ ଜାତୀୟ ରାଜନୀତିରେ ସକ୍ରିୟ ହୋଇ ଭୁବନେଶ୍ୱର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ନିଜ ନିର୍ବାଚନ ମଣ୍ଡଳୀରେ ବିକାଶମୂଳକ କାର୍ଯ୍ୟ ଓ ଲୋକସେବା ଭାବନା ତାଙ୍କୁ ଦଳ ମଧ୍ୟରେ ଏକ ଶକ୍ତିଶାଳୀ ମୁହଁ ଭାବେ ସ୍ଥାପିତ କରିଛି। ରାଜନୈତିକ ବିଶେଷଜ୍ଞମାନେ କହୁଛନ୍ତି ଯେ କ୍ୟାବିନେଟ୍ ବିସ୍ତାରରେ ମହିଳା ପ୍ରତିନିଧିତ୍ୱ ବଢ଼ାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତନ ଆଇଏଏସ୍ ଅଧିକାରୀ ଭାବେ ତାଙ୍କର ପ୍ରଶାସନିକ ଅନୁଭବ ଓ ରାଜନୈତିକ ସକ୍ରିୟତା ତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବା ପାଇଁ ବଳିଷ୍ଠ ଦାବିଦାର କରୁଛି। ଯଦିଓ ଏନେଇ ସରକାରୀ ଭାବେ କୌଣସି ଘୋଷଣା ହୋଇନାହିଁ, ତଥାପି ଦିଲ୍ଲୀ ରାଜନୀତିରେ ଏହି ନାମକୁ ନେଇ ଆଲୋଚନା ଚାଲିଛି। କ୍ୟାବିନେଟ୍ ବିସ୍ତାର ହେଲେ ତାଙ୍କୁ କେଉଁ ବିଭାଗର ଦାୟିତ୍ୱ ମିଳିପାରେ ସେ ନେଇ ମଧ୍ୟ ଅନୁମାନ ଲଗାଯାଉଛି।



# ଖୋର୍ଦ୍ଧା ରୋଡ୍ ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ମାଳତୀପାଟପୁର ଏବଂ ପୁରୀ ଷ୍ଟେସନ ମଧ୍ୟରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ କିଛି ଟ୍ରେନ୍ ଚଳାଚଳକୁ ସାମୟିକ ଭାବେ ନିୟନ୍ତ୍ରଣ କରାଯାଇଛି। ଭିତ୍ତିଭୂମିର ଉନ୍ନତି ଏବଂ ଭବିଷ୍ୟତରେ ଅଧିକ ନିରାପଦ ଓ ସୁବିଧାଜନକ ରେଳ ପରିଚାଳନା ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।
ନିମ୍ନଲିଖିତ ଟ୍ରେନ୍ ସେବାଗୁଡ଼ିକ ୨୬ ଜୁନ୍ ୨୦୨୬ ତାରିଖରେ ବାତିଲ୍ ରହିବ। ୬୮୪୦୩ ଖୋର୍ଦ୍ଧା ରୋଡ୍-ପୁରୀ ମେମୁ, ୬୮୪୦୪ ପୁରୀ-ଖୋର୍ଦ୍ଧା ରୋଡ୍ ମେମୁ, ୬୮୪୧୦ ପୁରୀ-ଖୋର୍ଦ୍ଧା ରୋଡ୍ ମେମୁ, ୬୮୪୦୯ ଖୋର୍ଦ୍ଧା ରୋଡ୍-ପୁରୀ ମେମୁ, ୬୮୪୧୬ ପୁରୀ-କଟକ ମେମୁ, ୬୮୪୧୫ କଟକ-ପୁରୀ ମେମୁ, ୬୮୪୧୪ ପୁରୀ-ତାଳଚେର ମେମୁ, ୬୮୪୧୩ ତାଳଚେର-ପୁରୀ ମେମୁ, ୧୨୨୭୮ ପୁରୀ-ହାଓ୍ୱଡ଼ା ଶତାବ୍ଦୀ ଏକ୍ସପ୍ରେସ୍, ୧୨୨୭୭ ହାଓ୍ୱଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍, ୧୮୪୧୬ ପୁରୀ-ବଡ଼ବିଲ ଏକ୍ସପ୍ରେସ୍, ୧୮୪୧୫ ବଡ଼ବିଲ-ପୁରୀ ଏକ୍ସପ୍ରେସ୍, ୧୮୪୧୪ ପୁରୀ-ପାରାଦୀପ ଇଣ୍ଟରସିଟି ଏକ୍ସପ୍ରେସ୍, ୧୮୪୧୩ ପାରାଦୀପ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍।
ଏହା ସହିତ, ନିମ୍ନଲିଖିତ ଟ୍ରେନ୍ ଗୁଡ଼ିକ ୨୫ ଓ ୨୬ ଜୁନ୍ ୨୦୨୬ ରେ ଆଂଶିକ ବାତିଲ/ ସଂକ୍ଷିପ୍ତ-ଉତ୍ପତ୍ତି ହେବ । ଟ୍ରେନ୍ ନଂ. ୨୨୨୦୧ ଶିଆଲଦା-ପୁରୀ ଦୁରନ୍ତ ଏକ୍ସପ୍ରେସ୍ ୨୫ ଜୁନ୍ ୨୦୨୬ରେ ପୁରୀ ପରିବର୍ତ୍ତେ ମାଳତୀପାଟପୁର ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୨୨୨୦୨ ପୁରୀ-ଶିଆଲଦା ଦୁରନ୍ତ ଏକ୍ସପ୍ରେସ୍ ୨୬ ଜୁନ୍ ୨୦୨୬ରେ ପୁରୀ ପରିବର୍ତ୍ତେ ମାଳତୀପାଟପୁରରୁ ଛାଡ଼ିବ। ସେହିପରି, ଟ୍ରେନ୍ ନଂ. ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ ୨୫ ଜୁନ୍ ୨୦୨୬ରେ ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ୍ ୨୬ ଜୁନ୍ ୨୦୨୬ରେ ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ରୋଡରୁ ଛାଡ଼ିବ। ୨୬ ଜୁନ୍ ୨୦୨୬ରେ ଟ୍ରେନ୍ ନଂ. ୬୮୪୨୧ ଅନୁଗୁଳ-ପୁରୀ ପାସେଞ୍ଜର ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୬୮୪୨୨ ପୁରୀ-ଅନୁଗୁଳ ପାସେଞ୍ଜର ମଧ୍ୟ ଖୋର୍ଦ୍ଧା ରୋଡରୁ ଛାଡ଼ିବ। ଆହୁରିମଧ୍ୟ, ୨୬ ଜୁନ୍ ୨୦୨୬ରେ ଟ୍ରେନ୍ ନଂ. ୬୮୪୪୧ ଜଳେଶ୍ୱର-ପୁରୀ ପାସେଞ୍ଜର ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୬୮୪୪୨ ପୁରୀ-ଜଳେଶ୍ୱର ପାସେଞ୍ଜର ମଧ୍ୟ ଖୋର୍ଦ୍ଧା ରୋଡରୁ ଛାଡ଼ିବ। ୨୬ ଜୁନ୍ ୨୦୨୬ରେ ଟ୍ରେନ୍ ନଂ. ୬୮୪୫୦ ଦଶପଲ୍ଲା-ପୁରୀ ପାସେଞ୍ଜର ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୬୮୪୪୯ ପୁରୀ-ଦଶପଲ୍ଲା ପାସେଞ୍ଜର ମଧ୍ୟ ଖୋର୍ଦ୍ଧା ରୋଡରୁ ଛାଡ଼ିବ।
୨୬ ଜୁନ୍‌ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୨୦୮୩୬ ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ୩୦ ମିନିଟ୍ ବିଳମ୍ବରେ ଛାଡ଼ିବ। ୨୫ ଜୁନ୍‌ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୧୮୪୦୯ ଶାଲିମାର-ପୁରୀ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୩ ଘଣ୍ଟା ବିଳମ୍ବରେ ଛାଡ଼ିବ। ୨୫ ଜୁନ୍‌ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୧୨୮୮୧ ଶାଲିମାର-ପୁରୀ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ୩୦ ମିନିଟ୍ ବିଳମ୍ବରେ ଛାଡ଼ିବ। ୨୪ ଜୁନ୍‌ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୧୨୮୦୨ ଆନନ୍ଦ ବିହାର ଟର୍ମିନାଲ-ପୁରୀ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ୩୦ ମିନିଟ୍ ବିଳମ୍ବରେ ଛାଡ଼ିବ।
୨୫ ଜୁନ୍‌ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୧୮୪୫୦ ପାଟନା-ପୁରୀ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୫ ଘଣ୍ଟା ବିଳମ୍ବରେ ଛାଡ଼ିବ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍' କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସାମୁଦ୍ରିକ ବାଣିଜ୍ୟ...

ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି। ପ୍ରାଚୀନ କଳିଙ୍ଗର ସାଧବ ପୁଅମାନେ ସମୁଦ୍ର ପଥରେ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶ ସହ ବ୍ୟାପାର ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ, ଯାହାର ଜୀବନ୍ତ ପ୍ରତୀକ ଭାବେ ଆଜି ମଧ୍ୟ ବାଲିଯାତ୍ରା ଉତ୍ସବ ପାଳିତ ହେଉଛି। ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜଭୁତ କରିବା ପାଇଁ ଗଞ୍ଜାମଠାରେ ଏକ ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି।

ଭାରତ ସରକାରଙ୍କ 'ସାଗର' , 'ଆକ୍ଟ ଇଷ୍ଟ ପଲିସି', 'ବିମଷ୍ଟେକ' ଏବଂ 'କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩' ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା , ଅନମ୍ୟାନଡ ସିଷ୍ଟମ ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ମାଛଧରା ଡଙ୍ଗାଗୁଡ଼ିକରେ 'ନଭମିତ୍ର' ଟ୍ରାନ୍ସପଣ୍ଡର ଲଗାଇବା ଏବଂ କୋଷ୍ଟାଲ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମ ଭଳି କାର୍ଯ୍ୟକ୍ରମକୁ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ସାମୁଦ୍ରିକ ସୀମା ସୁରକ୍ଷାରେ ନିୟୋଜିତ ଭାରତୀୟ ନୌସେନା, କୋଷ୍ଟ ଗାର୍ଡ, ଓଡ଼ିଶା ପୋଲିସ ଏବଂ ଅନ୍ୟ ସମସ୍ତ ସଂସ୍ଥାର କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ ।

ଏହି ବୈଠକରେ ଯୋଗଦେଇ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା ପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମଡେଲ ଖୋଜିବା ଅତ୍ୟନ୍ତ କଷ୍ଟକର। ଏଥିପାଇଁ ବିଭିନ୍ନ ମଡେଲକୁ ନେଇ ଏକ ସୁଚିନ୍ତିତ ରଣନୈତିକ ଢାଞ୍ଚା ପ୍ରସ୍ତୁତ କରିବା ଆବଶ୍ୟକ। ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ୍ ମାରିଟାଇମ୍ ସିକ୍ୟୁରିଟି ଅଫିସ୍ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ସହ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି ଏବଂ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ ମାର୍ଗଦର୍ଶନ ପ୍ରଦାନ କରୁଛି ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା କେବଳ ସାମରିକ ବା ସୁରକ୍ଷାଗତ ଦିଗ ମଧ୍ୟରେ ସୀମିତ ନୁହେଁ। ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ଅନୁରୋଧ କରି ସେ କହିଛନ୍ତି ଯେ, କେବଳ ମୁଖ୍ୟ ଉପକୂଳ ଅଞ୍ଚଳ ନୁହେଁ, ବରଂ ସମୁଦ୍ର ମଧ୍ୟରେ ଥିବା ଦ୍ୱୀପଗୁଡ଼ିକର ସୁରକ୍ଷା ଏବଂ ବିକାଶ ଉପରେ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦିଆଯିବା ଉଚିତ। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ନିର୍ମାଣାଧୀନ...

କୋଲକାତା ମହାନଗର ନିଗମ ମୋତେ ଗୋଟିଏ ପ୍ରାଥମିକ ରିପୋର୍ଟ ଦେଇଛନ୍ତି। ସେହି ରିପୋର୍ଟ ଅନୁସାରେ ଚଳିତ ବର୍ଷ ଏହି ଗୋଦାମ ଘର ନିର୍ମାଣ ପାଇଁ ଅନୁମତି ଦିଆଯାଇଥିଲା। କିନ୍ତୁ କୋଲକାତା ମହାନଗର ନିଗମର ଇଞ୍ଜିନିୟରମାନେ କହିଛନ୍ତି ଯେ ଏହି ନିର୍ମାଣାଧୀନ ଗୋଦାମ ଘରର ଡିଜାଇନରେ ସମସ୍ୟା ଥିଲା। ସବିଶେଷ ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେ ଆହୁରି କହିଛନ୍ତି, ରାଜ୍ୟରେ ଯେତେ ନିର୍ମାଣାଧୀନ ପ୍ରକଳ୍ପ ରହିଛି ସବୁଗୁଡ଼ିକର ଅଡିଟ୍ କରାଯିବ। ବିଶେଷ କରି ବାଣିଜ୍ୟିକ ପ୍ରକଳ୍ପଗୁଡ଼ିକର ଅଡିଟ୍ କରାଯିବ। ଅଡିଟ୍ ଶେଷ ହେବା ପରେ ଅଗଷ୍ଟ ୧ ତାରିଖରୁ ପୁଣି ସମସ୍ତ ନିର୍ମାଣାଧୀନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବ।

## ୨.୮୮ ଲକ୍ଷ ଏସ୍ଏଚ୍‌ଜିଙ୍କୁ ...

ଜିଲ୍ଲାର ୬୨୪ଟି ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ ୧୮୯.୫୭ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ପ୍ରଦାନ କରାଯାଇଛି, ଯେଉଁଥିରେ ପୁରୀର ଅଭୟମୁଖୀ ଓ ଗୁଆଳିପଡା ଗ୍ରାମପଞ୍ଚାୟତସ୍ତରୀୟ ସଂଘର ମା'ମାନେ ଯଥାକ୍ରମେ ୩୫ ଲକ୍ଷ ଟଙ୍କାର ଚେକ୍ ସିଧାସଳଖ ଭାବରେ ପାଇଛନ୍ତି।

## ଝାରପଡା ଜେଲରେ...

ଭୋଗୁଥିବା ଦୋଷୀ କଏଦୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଆଇସିୟୁରେ ଅଛନ୍ତି। କାହିଁକି ଏଭଳି ସ୍ଥିତି ଉପୁଜିଲା ସେନେଇ ଆମେ ଜାଣିବାକୁ ଚେଷ୍ଟା କରୁଛୁ। ଡାକ୍ତରମାନେ ମଧ୍ୟ ଜାଣିବାକୁ ଚେଷ୍ଟା କରୁଛନ୍ତି। ଜେଲରେ ଆଉ ଦୁଇ ଜଣ କଏଦୀ ମଧ୍ୟ ଅସୁସ୍ଥ ଅଛନ୍ତି। ସେମାନେ ହସ୍ପିଟାଲ ଆସିପାରନ୍ତି। ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲରେ ସୁରକ୍ଷାକର୍ମୀ ନିୟୋଜିତ କରିବାକୁ କୁହାଯାଇଥିଲା। ତେଣୁ ସୁରକ୍ଷା ଦୃଷ୍ଟିରୁ ହସ୍ପିଟାଲରେ ସ୍ୱତନ୍ତ୍ର ପୋଲିସ ଟିମ୍ ନିୟୋଜିତ କରାଯାଇଛି ବୋଲି ଡିସିପି କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ, ଝାରପଡ଼ା ଜେଲରେ କଏଦୀମାନେ ସନ୍ଧ୍ୟା ସମୟରେ ଖାଦ୍ୟ ଗ୍ରହଣ କରିଥିଲେ। ଏହାର ପ୍ରାୟ ୩ଘଣ୍ଟା ପରେ ସମସ୍ତେ ନିଜ ନିଜ ସେଲ୍‌କୁ ଯାଇଥିଲେ। ଏକାଧିକ ୱାର୍ଡରୁ କଏଦୀଙ୍କ ଦେହ ଅସୁସ୍ଥ ହେବା ଆରମ୍ଭ ହୋଇଯାଇଥିଲା। କଏଦୀମାନଙ୍କ ଦେହରୁ ଝାଳ ବାହାରିବା ଆରମ୍ଭ ହୋଇଥିଲା। ଜଣେ ପରେ ଜଣେ ଧଇଁସଇଁ ହୋଇ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ତେବେ ଖାଦ୍ୟରେ କିଛି ଅପମିଶ୍ରଣ ଥିଲା ବୋଲି ଅନୁମାନ କରାଯାଉଛି।

## ଏଫ୍‌ସିଆରଏ ଢାଞ୍ଚାକୁ ..

ଲକ୍ଷ୍ୟ ପୂରଣ ପାଇଁ ନିରନ୍ତର ଭାବେ ଦୃଢ଼ ପଦକ୍ଷେପ ଗ୍ରହଣ କରୁଛି। ବିଦେଶୀ ଅନୁଦାନର ପ୍ରତ୍ୟେକ ବ୍ୟବହାର ଦେଶ ଗଠନ ଓ ଜନହିତକୁ ଆଗକୁ ନେବାରେ ସହାୟକ ହେବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି।

## ଦୁର୍ଘଟଣାରେ ମୃତକଙ୍କ ...

ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି।

## ଭାରତ ସରକାରଙ୍କ...

ପଛପଟରେ ସ୍ପଷ୍ଟ ଭାବେ ଲେଖାଅଛି ଯେ, ଏହା 'ଭାରତ ସରକାରଙ୍କ ସମ୍ପତ୍ତି' ଓ ସରକାର ନିର୍ଦ୍ଦେଶ ଦେଲେ ଏହାକୁ ଫେରାଇବାକୁ ପଡ଼ିବ। ତେଣୁ ପାସପୋର୍ଟ ନାଗରିକତାର ଦସ୍ତାବିଜ ନୁହେଁ ବୋଲି ସରକାର କହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ଏହାପୂର୍ବରୁ ଭୋଟର ତାଲିକାର ସଂଶୋଧନ ବା ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍(ଏସଆଇଆର) ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ ମଧ୍ୟ କହିଥିଲେ ଯେ ଆଧାର କାର୍ଡ ନାଗରିକତାର ଚୂଡ଼ାନ୍ତ ପ୍ରମାଣ ନୁହେଁ। ଏହା କେବଳ ଗୋଟିଏ ପରିଚୟପତ୍ର।

ସେହିପରି ଭୋଟର ପରିଚୟପତ୍ର ମଧ୍ୟ ନାଗରିକତାର ପ୍ରମାଣପତ୍ର ନୁହେଁ। ଏହା ମୁଖ୍ୟତଃ ପରିଚୟ ଓ ବାସସ୍ଥାନର ପ୍ରମାଣ, ଯାହା ନିର୍ବାଚନରେ ଭୋଟ ଦେବାର ଅଧିକାର ପ୍ରଦାନ କରେ।

ନାଗରିକତା ଆଇନ କହୁଛି ଯେ ୨୬ ଜାନୁଆରୀ ୧୯୫୦ରୁ ୧ ଜୁଲାଇ ୧୯୮୭ ମଧ୍ୟରେ ଭାରତରେ ଜନ୍ମ ହୋଇଥିବା ବ୍ୟକ୍ତି ଆପେ ଆପେ ଭାରତର ନାଗରିକ ଭାବେ ବିବେଚିତ ହେବେ। ୧ ଜୁଲାଇ ୧୯୮୭ ପରେ ଜନ୍ମ ହୋଇଥିଲେ ପିତା କିମ୍ବା ମାତାଙ୍କ ମଧ୍ୟରୁ ଜଣେ ଭାରତୀୟ ନାଗରିକ ହେବା ଆବଶ୍ୟକ।

୩ ଡିସେମ୍ବର ୨୦୦୪ କିମ୍ବା ତା'ପରେ ଜନ୍ମ ହୋଇଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଉଭୟ ପିତାମାତା ଭାରତୀୟ ନାଗରିକ ହେବା ଦରକାର କିମ୍ବା ଜଣେ ଭାରତୀୟ ନାଗରିକ ଓ ଅନ୍ୟଜଣ ଅବୈଧ ପ୍ରବାସୀ ହୋଇ ନଥିବା ଆବଶ୍ୟକ।

## ୭୫ ଡଲାର ତଳେ ...

୮୦-୮୬ ଡଲାର ଭିତରେ ରହିବ ବୋଲି ସେମାନେ କହିଛନ୍ତି।

ଇରାନ ଯୁଦ୍ଧ ସମୟରେ ଅଶୋଧିତ ତେଲ ଦର ବ୍ୟାରେଲ ପ୍ରତି ୧୨୦ ଡଲାରରୁ ଉଚ୍ଚ ସ୍ତରକୁ ବଢ଼ିଥିଲା। ଦୁଇ ମାସ ପର୍ଯ୍ୟନ୍ତ ଦାମ ୧୦୦ ଡଲାରରୁ ଅଧିକ ରହିଥିଲା। ତେଣୁ ତେ ?ଲ କମ୍ପାନିଗୁଡ଼ିକ ଚାରି ଥରରେ ପେଟ୍ରୋଲ ଓ ଡିଜେଲ ଦରରେ ୮ ଟଙ୍କା ଲେଖାଏଁ ବୃଦ୍ଧି କରିଥିଲେ। ଅଶୋଧିତ ତେଲ ଦରରେ ହୋଇଥିବା ହ୍ରାସ ଦୀର୍ଘ ସମୟ ରହିଲେ ଓ ଶସ୍ତାରେ କିଣାଯାଇଥିବା ତେଲ ଦେଶରେ ପହଞ୍ଚିଲେ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ବିଷୟରେ ବିଚାର କରାଯିବ ବୋଲି କିଛି ଦିନ ତଳେ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଥିଲେ। ଭାରତ ନିଜ ଆବଶ୍ୟକତାର ୮୫ ପ୍ରତିଶତ ତେଲ ଆମଦାନି କରୁଛି। ସେଥିପାଇଁ ଏହାର ଦରରେ ଯେକୌଣସି ପ୍ରକାର ବୃଦ୍ଧି ଦ୍ୱାରା ଏହା ପ୍ରଭାବିତ ହେଉଛି।

## ୬ ଜିଲ୍ଲାରେ...

ପିଟିସନ୍ ର ଏକତ୍ର ଶୁଣାଣି କରି ହାଇକୋର୍ଟ ଏହାକୁ ଖାରଜ କରିଛନ୍ତି। କାର୍ଯ୍ୟକାଳ ସରିବା ପୂର୍ବରୁ ନିଯୁକ୍ତି ରଦ୍ଦ ହୋଇଥିବାରୁ ପିଟିସନ୍ ହୋଇଥିଲା। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବେଆଇନ କହିଥିଲେ ଆବେଦନକାରୀ। ନିଯୁକ୍ତିରେ ଅନିୟମିତତା ନାହିଁ ବୋଲି ଯୁକ୍ତି ଦର୍ଶାଇଥିଲେ ଏଜି।

# ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ 'ବିକାଶ ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ବିଏମସି ଏକାମ୍ର ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସ୍ୱଚ୍ଛ କର୍ମୀ, ସଫେଇ ଗାଡ଼ି ଚାଳକ, ଆବାସିକ ସଂଗଠନ, ବହୁଳ ବର୍ଜ୍ୟ ଉତ୍ପନ୍ନକାରୀ, ସର୍ବାଧିକ ହୋଲ୍ଡିଂ ଟ୍ୟାକ୍ସ ପ୍ରଦାନକାରୀ ବ୍ୟକ୍ତିବିଶେଷ, ଗୋଷ୍ଠୀ ସଂଗଠକ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ, ରାସ୍ତା ପାର୍ଶ୍ୱ ବ୍ୟବସାୟୀ ଏବଂ ବରିଷ୍ଠ ନାଗରିକଙ୍କ ସମେତ ୩୦ରୁ ଅଧିକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ, ମେୟର, ଡେପୁଟି ମେୟର, ବିଏମସି କମିଶନର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଏବଂ ବହୁ କର୍ପୋରେଟର ମଞ୍ଚାସୀନ ଥିଲେ।

# ଭୁବନେଶ୍ୱର (ମଧ୍ୟ) ବିଧାନସଭା କ୍ଷେତ୍ରରେ ଏସ୍ଆଇଆର୍ ଫର୍ମ ବଣ୍ଟନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ୦୧.୦୬.୨୦୨୬କୁ ଯୋଗ୍ୟ ତାରିଖ ଭାବେ ଗ୍ରହଣ କରି ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ଅନ୍ତର୍ଗତ ୧୦୨ ଭୁବନେଶ୍ୱର (ମଧ୍ୟ) ବିଧାନସଭା କ୍ଷେତ୍ର ୧୦୨ ବୁଥ୍‌ର ସମସ୍ତ ମତଦାତା ମାନଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇ ପୁନଃ ଗ୍ରହଣ କରାଯାଇଛି। ଏହି ସମ୍ପର୍କରେ ଆଜି ଦିନ ୧୧ଟା ସମୟରେ ଖାରବେଳ ନଗର ପ୍ରାଥମିକ ବିଦ୍ୟାଳୟ, ୟୁନିଟ୍-୩ରେ ଏକ ବୈଠକ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ପ୍ରଣତି ମହାନ୍ତି, ସୁନେମିଆ ପ୍ରଧାନ ଓ ସୁପରଭାଇଜର ସରୋଜିନି ଖଟେଇଙ୍କର ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୦୨ ବୁଥ୍‌ର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏମାନଙ୍କ ମଧ୍ୟରୁ ସ୍ୱନାମଧନ୍ୟ ବ୍ୟକ୍ତି ପ୍ରଦୋଷ କୁମାର ପଟ୍ଟନାୟକ 'ସମାଜ'ର ପୂର୍ବତନ ସମ୍ପାଦକ ଓ ବର୍ତ୍ତମାନ ଦୈନିକ ଭାସ୍କରର ମୁଖ୍ୟ ସମ୍ପାଦକ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ବିଷୟରେ ବିସ୍ତୃତ ଭାବରେ ନିର୍ବାଚନ ଆୟୋଗଙ୍କର କାର୍ଯ୍ୟ ପ୍ରଣାଳୀକୁ ପ୍ରଶଂସା କରିବା ସହ ବୁଥ୍ ୧୦୨, କ୍ଷେତ୍ର-୧୧୨ ଭୁବନେଶ୍ୱର ମଧ୍ୟ ବିଧାନସଭା ବୁଥ୍ ସ୍ତରୀୟ ଅଧିକାରୀମାନେ ଯେପରି ଭାବରେ ଘରକୁ ଘର ବୁଲି ନିର୍ବାଚନ ଆୟୋଗଙ୍କର ନିର୍ଦ୍ଦେଶକୁ ସଠିକ୍ ଭାବରେ ରୂପାନ୍ତର କଲେ ଏହା ବାସ୍ତବିକ୍ ପ୍ରଶଂସନୀୟ ଅଟେ।

# 'ଉତ୍କର୍ଷ ୨୦୨୬' ଅଲ୍ ଓଡ଼ିଶା ବ୍ୟବସାୟୀ ସମ୍ମିଳନୀ ଆୟୋଜନ କରିବେ ଭାରତ ସରକାରଙ୍କ ଏଫଟିଆଇଆଇ ଏବଂ ଏନଟିଡବ୍ଲୁବି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତ ସରକାରଙ୍କ ଜାତୀୟ ବ୍ୟବସାୟୀ କଲ୍ୟାଣ ବୋର୍ଡ (ଏନଟିଡବ୍ଲୁବି) ସହଯୋଗରେ 'ଫେଡେରେସନ ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ' (ଏଫଟିଆଇଆଇ) ପକ୍ଷରୁ ଆସନ୍ତା ୨୮ ଜୁନ୍ ୨୦୨୬ ରିଖରେ ଭୁବନେଶ୍ୱରସ୍ଥିତ ହୋଟେଲ ଲେମନ୍ ଟ୍ରି ପ୍ରିମିୟରଠାରେ ଅଲ୍ ଓଡ଼ିଶା ବ୍ୟବସାୟିକ ସମ୍ମିଳନୀ 'ଉତ୍କର୍ଷ ୨୦୨୬' ଆୟୋଜିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମ ସକାଳ ୧୦:୩୦ ଘଟିକାରୁ ଆରମ୍ଭ ଏହି ସମ୍ମିଳନୀରେ ଭାରତ ସରକାରଙ୍କ ଜାତୀୟ ବ୍ୟବସାୟୀ କଲ୍ୟାଣ ବୋର୍ଡ (ଏନଟିଡବ୍ଲୁବି)ର ଅଧ୍ୟକ୍ଷ ସୁନିଲ ଯେ ସିଂଘୀ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷତା କରିବେ। ଉତ୍କର୍ଷ ୨୦୨୬ର ଉଦ୍ଦେଶ୍ୟ ହେଉଛି ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ସହଜ ବ୍ୟବସାୟିକ ପରିବେଶ ସୃଷ୍ଟି ପାଇଁ ସରକାରଙ୍କ ଦ୍ୱାରା ଗୃହୀତ ସମ୍ପ୍ରତିକ ପଦକ୍ଷେପଗୁଡ଼ିକ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା। ଏହାର ଅନ୍ତର୍ଗତ ବାଣିଜ୍ୟ ଓ ଶିଳ୍ପର ବିକାଶରେ ବାଧକ ସାଜୁଥିବା ଶତାଧିକ ପୁରୁଣା ଓ ଅପ୍ରାସଙ୍ଗିକ ଆଇନ ଏବଂ ନିୟମାବଳୀକୁ ରଦ୍ଦ କରାଯାଇଥିବା ବିଷୟରେ ମଧ୍ୟ ଆଲୋଚନା କରାଯିବ। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରର ନେତୃବୃନ୍ଦଙ୍କୁ ସେହି ନିୟାମକ ସଂସ୍କାର ସମ୍ପର୍କରେ ଅବଗତ କରାଇବା ଯାହା ଅନୁପାଳନ ପ୍ରକ୍ରିୟାକୁ ସରଳ କରିବା ସହ କାରବାର ସମ୍ବନ୍ଧୀୟ ଖର୍ଚ୍ଚକୁ ହ୍ରାସ କରୁଛି। ଏହା ସହିତ ବ୍ୟବସାୟୀ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସଏମଇଏସ) ଏବଂ ଶିଳ୍ପ ସଂଘଗୁଡ଼ିକ ଏହି ନୂତନ ପ୍ରୋତ୍ସାହନ ଓ ସୁବିଧାଗୁଡ଼ିକର ସର୍ବାଧିକ ଲାଭ କିପରି ଉଠାଇପାରିବେ ସେଥିପାଇଁ ବ୍ୟବହାରିକ ମାର୍ଗଦର୍ଶନ ମଧ୍ୟ ପ୍ରଦାନ କରାଯିବ। ଏହା ବ୍ୟତୀତ ସରକାରୀ ଅଧିକାରୀ ଓ ବ୍ୟବସାୟ ନେତାମାନଙ୍କ ମଧ୍ୟରେ ଖୋଲା ଆଲୋଚନାର ଏକ ମଞ୍ଚ ସୃଷ୍ଟି କରି ସ୍ଥାନୀୟ ସ୍ତରରେ ନୀତି କାର୍ଯ୍ୟକାରିତାରେ ଦେଖାଦେଉଥିବା ସମସ୍ୟା ଓ ପ୍ରତିବନ୍ଧକଗୁଡ଼ିକର ସମାଧାନ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ସେହିପରି ଓଡ଼ିଶାର ବିଭିନ୍ନ ଶିଳ୍ପ କ୍ଷେତ୍ରର ଅଗ୍ରଣୀ ବ୍ୟକ୍ତିବିଶେଷ ଓ ସଂଗଠନମାନଙ୍କ ମଧ୍ୟରେ କୌଶଳଗତ ନେଟୱର୍କିଂ ସହଯୋଗ ଏବଂ ଭାଗୀଦାରିକୁ ପ୍ରୋତ୍ସାହିତ କରିବା ମଧ୍ୟ ଏହି ସମ୍ମିଳନୀର ଏକ ପ୍ରମୁଖ ଉଦ୍ଦେଶ୍ୟ। ଏହି ସମ୍ମିଳନୀରେ ବିଭିନ୍ନ ବାଣିଜ୍ୟିକ ସଂଗଠନ ଚାମ୍ବର ଅଫ୍ କମର୍ସ ଏବଂ ଜାତୀୟ ବାଣିଜ୍ୟ ସହଜୀକରଣ ସଂସ୍ଥା (ଏନଟିଏଫବି/ ଏନଟିଡବ୍ଲୁବି)ର ପ୍ରତିନିଧିମାନଙ୍କ ସମେତ ବିଭିନ୍ନ କ୍ଷେତ୍ରର ହିତାଧିକାରୀମାନେ ଏକତ୍ରିତ ହେବେ। ଓଡ଼ିଶାର ବିଭିନ୍ନ ଅଞ୍ଚଳର ଉଦ୍ୟୋଗୀ ବ୍ୟବସାୟୀ ଏବଂ କ୍ଷୁଦ୍ର ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସଏମ୍ଇ) ମାଲିକମାନଙ୍କ ସହିତ ଶିଳ୍ପ ବିଶେଷଜ୍ଞ ଓ ନୀତି ପ୍ରୟୋଗ ବିଶେଷଜ୍ଞମାନେ ମଧ୍ୟ ଏଥିରେ ଯୋଗଦେବେ। ଏହି ସମସ୍ତ ଅଂଶଗ୍ରହଣକାରୀ ନୂତନ ନିୟାମକ ସଂସ୍କାରଗୁଡ଼ିକୁ ବୁଝିବା ସେଗୁଡ଼ିକର ସୁଯୋଗକୁ କାର୍ଯ୍ୟକାରୀ ଭାବେ ଉପଯୋଗ କରିବା ଏବଂ ଓଡ଼ିଶାର ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ନେବା ପାଇଁ ପରସ୍ପର ସହଯୋଗ ଓ ଚିନ୍ତାଧାରାର ଆଦାନ ପ୍ରଦାନ କରିବେ।


**କେରଳର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅନୁଯାୟୀ ପ୍ରତିଷ୍ଠିତ)
ତେଜସ୍ୱିନି ପାହାଡ, ପେରିଆ ଡାକ, କାସାରଗୋଡ-୬୭୧୩୨୫

ସଂଖ୍ୟା **CUK/RC/10/TEACH/EN/2026** ତାରିଖ: ଜୁନ୍ ୧୦, ୨୦୨୬

**ବିଭିନ୍ନ ଶିକ୍ଷକ ପଦବୀ ପାଇଁ ବିଜ୍ଞାପନ**

ନିୟମିତ ଭାବରେ ବିଭିନ୍ନ ଖାଲି ଶିକ୍ଷକ ପଦବୀ ପୂରଣ ପାଇଁ ଯୋଗ୍ୟ ଭାରତୀୟ ନାଗରିକ/ବିଦେଶରେ ରହୁଥିବା ଭାରତୀୟ ନାଗରିକଙ୍କଠାରୁ ଅନଲାଇନ୍ ଆବେଦନ ଆମନ୍ତ୍ରିତ କରାଯାଉଛି ।

୧. ବିଜ୍ଞାପନ ସଂଖ୍ୟା CUK/RC/10/TEACH/EN/2026 ତାରିଖ 10.06.2026 (ବିଭିନ୍ନ ବିଭାଗରେ ଖାଲି ଶିକ୍ଷକ ପଦବୀ ପାଇଁ)
୨. ବିଜ୍ଞାପନ ସଂଖ୍ୟା CUK/RC/11/TEACH/ITEP/EN/2026 ତାରିଖ 10.06.2026 (ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ – ITEPରେ ବିଭିନ୍ନ ଖାଲି ଶିକ୍ଷକ ପଦବୀ ପାଇଁ)

ଅଧିକ ସୂଚନା ପାଇଁ, ଦୟାକରି www.cukerala.ac.in ପରିଦର୍ଶନ କରନ୍ତୁ।
ଅନଲାଇନ୍ ଆବେଦନ ଦାଖଲ କରିବା ପାଇଁ ଲିଙ୍କ୍: https://curec.samarth.ac.in

ଅନଲାଇନ୍ ଆବେଦନ ଗ୍ରହଣ କରିବାର ଶେଷ ତାରିଖ : **10.07.2026**, ରାତ୍ରି **11:59**
ହାର୍ଡ କପି ଆବେଦନ ଗ୍ରହଣ କରିବାର ଶେଷ ତାରିଖ : **25.07.2026**, ସଂନ୍ଧ୍ୟା **05:00**

**cbc 21353/11/0001/2627** **ନିବନ୍ଧକ**

ଉତ୍କଳ ଦୀପିକା
ଭୁବନେଶ୍ୱର, ୨୫ ଜୁନ୍, ଗୁରୁବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ 'ରାଜେନ୍ଦ୍ରାଭିଷେକ' : ଆଜି ରୁକ୍ମିଣୀ ବିବାହ ଉତ୍ସବ



**ପୁରୀ, ୨୪।୬ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ପ୍ରସିଦ୍ଧ ଜଳକ୍ରୀଡ଼ା ଏବଂ ଚନ୍ଦନ ଯାତ୍ରା ଶେଷ ପର୍ଯ୍ୟାୟରେ। ବୁଧବାର ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି ମହାପ୍ରଭୁଙ୍କ ସ୍ୱତନ୍ତ୍ର ଓ ପାରମ୍ପରିକ 'ରାଜେନ୍ଦ୍ରାଭିଷେକ' ନୀତି । ଏହି ବିଶେଷ ଦେବନୀତି ପାଇଁ ବୁଧବାର ସକାଳୁ ଶ୍ରୀମନ୍ଦିରରେ ସେବାୟତ ଓ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଶ୍ରୀମନ୍ଦିର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ନୀତି ସଙ୍ଗଠିତ ହେବା ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପ୍ରଦାନ କରାଯାଇଛି। ଆଜ୍ଞାମାଳ ପାଇବା ପରେ ବି ଶ୍ରୀକୃଷ୍ଣଙ୍କ ସ୍ୱରୂପ ବିଗ୍ରହ ମଦନମୋହନ ରତ୍ନସିଂହାସନରୁ ଖଟ ଉପରକୁ ବିଜେ କରିଥିଲେ। ଏହା ପରେ ଶ୍ରୀମନ୍ଦିରର ପ୍ରସିଦ୍ଧ ଜୟବିଜୟ ଦ୍ୱାରକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଜଗମୋହନ ଭିତରକୁ ସମ୍ପୂର୍ଣ୍ଣ ଅନ୍ଧାର କରାଯାଇ ଏକ ଗୁପ୍ତ ନୀତି ହୋଇଥିଲା।

ମହାପ୍ରଭୁଙ୍କ 'ଆଳଟ ଲାଗି' ନୀତି ଶେଷ ହେବା ପରେ ପରମ୍ପରା ଅନୁଯାୟୀ ରାଜଦୂତ ବା 'ଡଗର' ଆସି ମଦନମୋହନଙ୍କ ସମ୍ମୁଖରେ ମାତା ରୁକ୍ମିଣୀଙ୍କ ବିବାହ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ରାଜେନ୍ଦ୍ରାଭିଷେକର ମୁଖ୍ୟ ପର୍ବ ସରିବା ପରେ ମହାପ୍ରଭୁ ଏକ ସୁସଜ୍ଜିତ ମନୋରମ ରଥରେ ବିରାଜମାନ କରିଥିଲେ । ପଟୁଆର ସହ ଘଣ୍ଟ, ଛତା, କାହାଳୀ ଓ ଶଙ୍ଖ ଧ୍ୱନିର ମହାନାଦ ମଧ୍ୟରେ ମଦନମୋହନ ଶ୍ରୀମନ୍ଦିରର ଚତୁଃପାର୍ଶ୍ୱ ବେଢ଼ା ପରିକ୍ରମା କରିଥିଲେ। ଏହି ସମୟରେ ଭକ୍ତମାନଙ୍କ ହରିବୋଲ ଓ ହୁଳହୁଳି ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଉଠିଛି । ଗୁରୁବାର ପବିତ୍ର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ବା ରୁକ୍ମିଣୀ ଏକାଦଶୀ ତିଥିରେ ଜଗନ୍ନାଥ ଓ ମାତା ରୁକ୍ମିଣୀଙ୍କ ଶୁଭ ବିବାହ ଉତ୍ସବ ସମସ୍ତ ଶାସ୍ତ୍ରୀୟ ବିଧି ଅନୁଯାୟୀ ପାଳନ କରାଯିବ । ଏହି ସମସ୍ତ ନୀତିକାନ୍ତିକୁ ଶୃଙ୍ଖଳିତ, ସମୟାନୁବର୍ତ୍ତୀ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁଲିସ ପକ୍ଷରୁ ସୁରକ୍ଷା ଓ ଶୃଙ୍ଖଳାଗତ ସମସ୍ତ ପ୍ରସ୍ତୁତି କରାଯାଇଛି।

# ରଥଯାତ୍ରା ପାଇଁ ପୁରୀରେ ପହଞ୍ଚିଲା ୨୨୦ ଫୁଟ ଲମ୍ବର ୨୮ଟି ରଥ ଦଉଡ଼ି

**ପୁରୀ ୨୪।୬ ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ପାଇଁ ପୁରୀରେ ପହଞ୍ଚିଲା ରଥ ଦଉଡ଼ି । ଦୁଇଟି ଗାଡ଼ିରେ ତିନି ରଥ ପାଇଁ ୮ ଇଞ୍ଚ ଗୋଲେଇର ଆସିଲା ୨୮ଟି ଦଉଡ଼ି । ଗୋଟିଏ ଦଉଡ଼ିର ଲମ୍ବ ୨୨୦ ଫୁଟ ବା ୬୭ ମିଟର । ଓଡ଼ିଶା କତା ନିଗମ ପକ୍ଷରୁ ଆସିଲା ଏହି ଦଉଡ଼ି । ଚଳିତ ଘୋଷଯାତ୍ରା ପାଇଁ ଓଡିଶା କତା ନିଗମ ପକ୍ଷରୁ ଦୁଇଟି ସେଟ୍ ରଥ ଦଉଡି ଆସିଛି। ପ୍ରତ୍ୟେକ ରଥରେ ଲାଗିଥାଏ ୪ଟି ଲେଖାଏଁ ଦଉଡ଼ି ଏବଂ ଅତିରିକ୍ତ ଥାଏ ଦୁଇଟି ଲେଖାଏଁ ଦଉଡ଼ି ।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖ ରଥ ଖଳାରେ ବିଶ୍ୱକର୍ମା, ଭୋଇ, ରୂପକାରଙ୍କ ସହ କମାର ଶାଳରେ ଓଝା ସେବକ ଏବଂ କରତି ଚାଳିରେ କରତି ସେବକମାନେ ଦ୍ରୁତ ଗତିରେ ରଥ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ଚିତ୍ରକର ସେବକ ମାନେ ଚିତ୍ର କାର୍ଯ୍ୟ ଜାରି ରଖିଛନ୍ତି । ତେବେ ତିନି ରଥରେ ପୋଟଳ ଓ ପାରାଭାଡି ଉଠିଥିବା ବେଳେ ରଥରେ ତେର ପରସ୍ତ ପୋଟଳ ଉଠି ସାରିଛି । ଭୋଇ ସେବକମାନେ ୬ ନମ୍ବର ତେର ପରସ୍ତ ପୋଟଳ ଉଠାଇବା କାର୍ଯ୍ୟ ଶେଷ କରି ୬ ନଂ ହରିବୋଲ ପକାଇଛନ୍ତି ।

ରଥ ନିର୍ମାଣ କାର୍ଯ୍ୟର ବୁଧବାର ଥିଲା ୬୪ତମ ଦିନ। ରଥ ନିର୍ମାଣକାରୀ ସେବକ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନ ପ୍ରକାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମଙ୍ଗଳବାର ଆରମ୍ଭ ହୋଇଥିବା ତିନିରଥର ପ୍ରଭା ଫ୍ରେମ୍ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ଫ୍ରେମ୍‌ରେ ପଟାପଡ଼ି ରୂପ ଖୋଦେଇ ପାଇଁ ପ୍ରଭାରେ ବାଙ୍କ କଟିଂ କରାଯାଇଥିଲା। ଏଥିସହ ବଡ଼ କଳସରେ ସିଲଭର ଚଦର ଫିଟିଂ ସରିଛି। ଘୋଡ଼ା ଫିଟିଂ ପାଇଁ ତିନିରଥରେ ସଂଯୋଗ ହୋଇଥିବା 'ଚାର ପରିଛା'କୁ ମୁଣ୍ଡାଇ ରଖିବାକୁ ୫ ଗୋଟି ଲେଖାଏଁ ଚାର ପରିଛା ଗୁଣ୍ଠି ବାଡ଼ିଆ ସରିଛି। ନୂଆ ଚାରମାଳ ସେଟ୍ କଟାଯାଇଛି । ରୂପକାର ସେବକମାନେ ନାଟ ଗୋଡ଼ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ ଶେଷ କରି ସେ ଗୁଡ଼ିକରେ ପଲିସ୍ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ

# କେନ୍ଦ୍ର ଓ ରାଜ୍ୟର ସମନ୍ୱୟରେ ବ୍ୟାପକ ହେବ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୨୪/୬ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱଲେ। ବୁଧବାର ଲୋକ ସେବା ଭବନଠାରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାରରେ କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟରେ ସାମାଜିକ ନ୍ୟାୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଛନ୍ତି। ସାମାଜିକ କଲ୍ୟାଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଉଥିବା ସମସ୍ତ ଜନହିତକର କାର୍ଯ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାରେ ସାମାଜିକ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରି ମଧୁବାବୁ ପେନସନ ଯୋଜନାରେ ଆଉ ୬ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅଧିକ ୫ କିଲୋ ଚାଉଳ ଯୋଗାଇ ଦେବା ଆଦି ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଉପରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲେ।

## ଟାଇମ୍‌ସ ହାୟର ଏଜୁକେସନ ସଷ୍ଟେନେବିଲିଟି ଇମ୍ପାକ୍ଟ ର୍‍ୟାଙ୍କିଂ-୨୦୨୬

# ଚତୁର୍ଥ ସ୍ଥାନକୁ ଉଠିଲା କିଟ୍



**ଭୁବନେଶ୍ୱର, ୨୪।୬ ନ୍ୟୁଜ ବ୍ୟୁରୋ**

ଟାଇମ୍‌ସ ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇମ୍ପାକ୍ଟ ର୍‍ୟାଙ୍କିଂ ୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିଟ୍ ୪ର୍ଥ ସ୍ଥାନ ହାସଲ କରିଛି। ଗତ ବର୍ଷ କିଟ୍ ଏହି ର୍‍ୟାଙ୍କିଂର ୫ମ ସ୍ଥାନରେ ଥିଲା। ଏହା ସହିତ ବିଶ୍ୱ ସ୍ତରରେ କିଟ୍ ୧୦୧-୨୦୧ କୋହୋର୍ଟରେ ରହିଛି । ଏଥିରେ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ସମସ୍ତ ୧୭ ଟି ଲକ୍ଷ୍ୟ ପୂରଣ କରିଛି । କିଟ୍ ୪ଟି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପାଇଁ ଭାରତରେ ଶୀର୍ଷ ସ୍ଥାନ ହାସଲ କରିଛି । ସେଗୁଡ଼ିକ ହେଲା- ଅସମାନତା ହ୍ରାସ (ଏସ୍‌ଡିଜି ୧୦) ଜଳ ତଳେ ଜୀବନ (ଏସ୍‌ଡିଜି ୧୪), ଭୂମି ଉପରେ ଜୀବନ (ଏସ୍‌ଡିଜି ୧୫) ଓ ଶାନ୍ତି, ନ୍ୟାୟ ଓ ଦୃଢ଼ ପ୍ରତିଷ୍ଠାନ (ଏସ୍‌ଡିଜି ୧୬)। ଏହା ସହିତ କିଟ୍ ଶିଳ୍ପ, ନବସର୍ଜନା ଓ ଭିତ୍ତିଭୂମି (ଏସ୍‌ଡିଜି ୯) ପାଇଁ ସମଗ୍ର ଭାରତରେ ଦ୍ୱିତୀୟ ସ୍ଥାନ ହାସଲ କରିବା ସହ ଅନ୍ୟ ସମସ୍ତ ଏସ୍‌ଡିଜିରେ ଦେଶର ଶ୍ରେଷ୍ଠ ୧୦ ର୍‍ୟାଙ୍କ ବଜାୟ ରଖିଛି। ସେହିପରି ଅନେକ ପ୍ରମୁଖ ମାନଦଣ୍ଡରେ କିଟ୍ ଶତ ପ୍ରତିଶତ ସ୍କୋର ହାସଲ କରିଛି । ଏଥିରେ ସ୍ୱାସ୍ଥ୍ୟସେବା ସହଯୋଗ (ଏସ୍‌ଡିଜି ୩), ଗୁଣାତ୍ମକ ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷା ପଦକ୍ଷେପ (ଏସ୍‌ଡିଜି ୪), ଶକ୍ତି ସଂରକ୍ଷଣ ପାଇଁ ପ୍ରୟାସ (ଏସ୍‌ଡିଜି ୭), ଅସମାନତା ହ୍ରାସ କରିବା ପାଇଁ ପଦକ୍ଷେପ (ଏସ୍‌ଡିଜି ୧୦) ଓ ସରକାରଙ୍କ ସହ ସକ୍ରିୟ ସହଯୋଗ (ଏସ୍‌ଡିଜି ୧୭) ଆଦି ଅନ୍ତର୍ଭୁକ୍ତ।

ସୂଚନାଯୋଗ୍ୟ, ଟାଇମ୍‌ସ ହାଇୟର ଏଜୁକେସନ୍ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ଲୋବାଲ୍ ର୍‍ୟାଙ୍କିଂ କରିବା ବ୍ୟତୀତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ କେଉଁ ସବୁ ବିଶ୍ୱବିଦ୍ୟାଳୟ କେତେ ପରିମାଣରେ ସାମାଜିକ ପ୍ରଭାବ ସୃଷ୍ଟି କରିଛନ୍ତି ତା' ଉପରେ ମଧ୍ୟ ର୍‍ୟାଙ୍କିଂ କରିଥାଏ। ସେହି ଆଧାରରେ କିଟ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ କିଟ୍ ଭଲ ର୍‍ୟାଙ୍କ ପ୍ରଦର୍ଶନ କରିଆସୁଛି। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି ଗତବର୍ଷଠାରୁ ଚଳିତବର୍ଷ ଉଭୟ କିଟ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଇମ୍ପାକ୍ଟ ର୍‍ୟାଙ୍କିଂରେ ଚମତ୍କାର ପ୍ରଦର୍ଶନ କରିଛି। ଗତ କିଛିବର୍ଷ ଧରି ଏଥିରେ କିଟ୍ ଅଂଶଗ୍ରହଣ କରିବା ସହ ଉନ୍ନତ ପ୍ରଦର୍ଶନ କରିଆସୁଛି ବୋଲି ଡ. ସାମନ୍ତ ପ୍ରକାଶ କରିଛନ୍ତି।

## ଆଖି ବୁଜିଲେ ମୟୂରଭଞ୍ଜର ବୀର ପୁତ୍ର

# ରାଷ୍ଟ୍ରୀୟ ମର୍ଯ୍ୟାଦା ଓ ଗାର୍ଡ ଅଫ୍ ଅନର ସହ ଜନ୍ମମାଟିରେ ଶେଷକୃତ୍ୟ ସମ୍ପନ୍ନ

**ବାଙ୍ଗିରିପୋଷି, ୨୪।୬ ନ୍ୟୁଜ ବ୍ୟୁରୋ**

ଦେଶମାତୃକାର ସେବାରେ ନିଜକୁ ଉତ୍ସର୍ଗ କରିଥିବା ମୟୂରଭଞ୍ଜ ମାଟିର ଜଣେ ବୀର ସନ୍ତାନ ଆଖି ବୁଜିଛନ୍ତି । ଝାଡ଼ଖଣ୍ଡରେ କାର୍ଯ୍ୟରତ ଥିବା ସିଆରପିଏଫ୍ ଯବାନ ରାମଚନ୍ଦ୍ର ସୋରେନଙ୍କ ପରଲୋକ ଘଟିଛି । ବୁଧବାର ତାଙ୍କର ପାର୍ଥିବ ଶରୀର ନିଜ ଜନ୍ମମାଟି ବାଙ୍ଗିରିପୋଷିରେ ପହଞ୍ଚିଛି। ବୀର ଯବାନଙ୍କୁ ହରାଇ କେବଳ ପରିବାର ନୁହେଁ, ବରଂ ପୂରା ବାଙ୍ଗିରିପୋଷି ଅଞ୍ଚଳ ଶୋକସନ୍ତପ୍ତ ହୋଇପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ବାଙ୍ଗିରିପୋଷି ଅଞ୍ଚଳର ବାସିନ୍ଦା ରାମଚନ୍ଦ୍ର ସୋରେନ ଝାଡ଼ଖଣ୍ଡର ମୁଶାବଣି ଅଞ୍ଚଳରେ ସିଆରପିଏଫ ଯବାନ କାର୍ଯ୍ୟରତ ଥିଲେ । ଗତ କିଛି ମାସ ହେବ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଦିଲ୍ଲୀ ପଠାଯାଇଥିଲା ଏବଂ ସେଠାରେ ଏକ ମେଡିକାଲରେ ତାଙ୍କର ଚିକିତ୍ସା ଜାରି ରହିଥିଲା । ହେଲେ ଦୁର୍ଭାଗ୍ୟବଶତଃ ଚିକିତ୍ସିତ ଅବସ୍ଥାରେ ଗତ ୨୨ ତାରିଖ ଦିନ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ବୁଧବାର ଯବାନ ରାମଚନ୍ଦ୍ରଙ୍କ ମରଶରୀର ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ବାଙ୍ଗିରିପୋଷି ସ୍ଥିତ ତାଙ୍କ ବାସଭବନରେ ପହଞ୍ଚିଥିଲା। ଯବାନଙ୍କ ଶେଷ ଦର୍ଶନ କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ସିଆରପିଏଫ ବାହିନୀ ଏବଂ ସ୍ଥାନୀୟ ପୁଲିସ ପ୍ରଶାସନର ଉପସ୍ଥିତିରେ ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ପାର୍ଥିବ ଶରୀରକୁ ସ୍ଥାନୀୟ ଶ୍ମଶାନକୁ ନିଆଯାଇଥିଲା । ସେଠାରେ ଦେଶ ମାତୃକାର ଏହି ବୀର ସନ୍ତାନଙ୍କୁ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା । ସିଆରପିଏଫ ଯବାନମାନଙ୍କ ଦ୍ୱାରା ବୀର ଶହୀଦଙ୍କ ସମ୍ମାନାର୍ଥେ 'ଗାର୍ଡ ଅଫ୍ ଅନର' ଦିଆଯାଇଥିଲା । ସମସ୍ତ ରୀତିନୀତି ଅନୁଯାୟୀ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଜଣେ କର୍ତ୍ତବ୍ୟରତ ଯବାନଙ୍କର ଏଭଳି ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।



**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୪/୦୬/୨୦୨୬
୪,୬୬,୩୦୮/- ଟଙ୍କା
ସୁନା:- ୩୯ ଗ୍ରାମ୍ ୯୦୦ ମିଲିଗ୍ରାମ୍
ରୂପା:- ୨୪ଗ୍ରାମ୍ ୯୦୦ ମିଲିଗ୍ରାମ

# ଆୟ ବହିର୍ଭୁତ ସମ୍ପତି ଠୁଳ ମାମଲାରେ ଦୁଇ ଯନ୍ତ୍ରୀ ଗିରଫ

**ଭୁବନେଶ୍ୱର, ୨୪/୦୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଭିଜିଲାନ୍ସ ବିଭାଗ ଆୟ ବହିର୍ଭୁତ ସମ୍ପତି ଠୁଳ (ଡିଏ) ମାମଲାରେ ସମ୍ବଲପୁର ଡିଭିଜନର ସିଏଡିଏର ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକଙ୍କୁ ଗିରଫ କରିଛି। ତାଙ୍କୁ ବୁଧବାର ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ଭିଜିଲାନ୍ସ ବିଭାଗ ପକ୍ଷରୁ ପଦ୍ମଲୋଚନ ନାୟକଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଉପରେ ଚଢ଼ଉ କରାଯାଇଥିଲା। ତଲାସି ସମୟରେ ତାଙ୍କ ପାଖରେ ଜଣାଶୁଣା ଆୟର ଉତ୍ସ ତୁଳନାରେ ବହୁ ଅଧିକ ସମ୍ପତ୍ତି ଥିବା ଜଣାପଡ଼ିଥିଲା। ତଦନ୍ତରେ କଟକରେ ଥିବା ୧୮,୮୪୦ ବର୍ଗଫୁଟ୍ କ୍ଷେତ୍ରଫଳ ବିଶିଷ୍ଟ ଏକ ବହୁତଳ କୋଠା ସମେତ ମୋଟ ୩ଟି ଘର, ୧୮ଟି ମୂଲ୍ୟବାନ ଜମି, ୩.୪୫ ଲକ୍ଷ ଟଙ୍କା ନଗଦ, ୩ଟି ଚାରିଚକିଆ ଗାଡ଼ି, ୨ଟି ଜେସିବି ମେସିନ୍, ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ଟ୍ରେଲର ସମେତ ଅନ୍ୟାନ୍ୟ ସମ୍ପତ୍ତି ଠାବ କରାଯାଇଥିଲା। ଭିଜିଲାନ୍ସ ଅଧିକାରୀମାନଙ୍କ କହିବା ଅନୁସାରେ ପଦ୍ମଲୋଚନ ନାୟକ ଏହି ସମ୍ପତ୍ତିଗୁଡ଼ିକର ଉତ୍ସ ସମ୍ପର୍କରେ ସନ୍ତୋଷଜନକ ସ୍ପଷ୍ଟୀକରଣ ଦେବାରେ ବିଫଳ ହୋଇଥିଲେ। ଏହାକୁ ଆଧାର କରି ତାଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଘଟଣାର ବିସ୍ତୃତ ତଦନ୍ତ ଜାରି ରହିଛି ଏବଂ ସମ୍ପତ୍ତିର ଉତ୍ସ ସମ୍ପର୍କରେ ଅଧିକ ଖୋଳତାଡ଼ କରାଯାଉଛି। ସେହିପରି ବିଲ୍ ପାସ୍ କରିବା ଏବଂ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବା ପାଇଁ କାର୍ଯ୍ୟ ଅଭିଜ୍ଞତା ପ୍ରମାଣପତ୍ର ପ୍ରଦାନ ବଦଳରେ ଠିକାଦାରଙ୍କଠାରୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ରାୟଗଡ଼ା ଆରଡବ୍ଲୁଡି-୧ର ନିର୍ବାହୀ ଯନ୍ତ୍ରୀଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ତଲାସି ସମୟରେ ଅତିରିକ୍ତ ୩.୩୯ ଲକ୍ଷ ଟଙ୍କା ନଗଦ ଜବତ ଏବଂ ମୋଟ ଜବତ ରାଶି ୫.୩୯ ଲକ୍ଷ ଟଙ୍କା ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି ।

## 'ଇଚ୍ଛାମୃତ୍ୟୁ' ପାଇଁ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ ଯୁବ ଚାଷୀ

**ପଦ୍ମପୁର ୨୪।୬ ନ୍ୟୁଜ ବ୍ୟୁରୋ**

ଧାନ ବିକ୍ରି ସମସ୍ୟା ଓ ପ୍ରଶାସନିକ ଅବହେଳା ଯୋଗୁଁ ପୁଣି ଚର୍ଚ୍ଚାରେ ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲା । ବ୍ୟବସ୍ଥାର ଚକ୍ରବ୍ୟୁହରେ ଚାପି ହୋଇ ଶେଷରେ ରାଷ୍ଟ୍ରପତିଙ୍କ ନିକଟରେ 'ଇଚ୍ଛାମୃତ୍ୟୁ' ପାଇଁ ଆବେଦନ କରିଛନ୍ତି ଜଣେ ଯୁବ ଚାଷୀ । ଏଭଳି ଏକ ସମ୍ବେଦନଶୀଳ ତଥା ଦୁଃଖଦ ଘଟଣା ସାମ୍ନାକୁ ଆସିଛି ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ମେଲଛାମୁଣ୍ଡା ଗ୍ରାମରୁ। ଧାନ ବିକ୍ରି ସମୟରେ ତାଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିପାରିନାହିଁ । ଏଥିପାଇଁ ସେ ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିଜର ଗୁହାରି ଜଣାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ସୁଫଳ ନମିଳିବା ତଥା କେହି ତାଙ୍କ ଦୁଃଖ ନଶୁଣିବାରୁ ଶେଷରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି ।

**ପ୍ରକାଶ ପାଇବା ଅପେକ୍ଷାରେ...**

**ମାସିକ ଗଳ୍ପ ପତ୍ରିକା**
**"କଥାକଳିକା"ର ଜୁଲାଇ-୨୦୨୬ ସଂଖ୍ୟା**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ।
**ସମକାଳର କଥା :** ରମେଶ ପଟ୍ଟନାୟକ, ବିନୋଦ, ସୁଜାତା ମହାପାତ୍ର, ପ୍ରଣିତାରାଣୀ ବେହେରା, ସନ୍ତୋଷୀସ୍ୱାଇଁ, ରାଜଲକ୍ଷ୍ମୀ ତ୍ରିପାଠୀ, ସ୍ନିଗ୍ଧା ନାୟକ, ରାଧାଶ୍ୟାମ ରାଉଳ, ପୀତାମ୍ବର ମହାପାତ୍ର, ସୁଷମା ପରିଜା।
**ଅନ୍ୟ ଭାଷାର କଥା :** ଚିତ୍ତରଂଜନ ପଟ୍ଟନାୟକ।
**ଯୁବ ମାନସର କଥା :** ଲିପିକା ଦାସ ପଟ୍ଟନାୟକ, ଅନୁସୂୟା ପଣ୍ଡା, ଚିନ୍ମୟୀ ପଣ୍ଡା, ଇନ୍ଦୁମତୀ ପାତ୍ର, ରୁମୁଲୀ ନନ୍ଦ।
ଏବଂ ଶେଷରେ 'କଥା ସାଗର' : ମଳିନ ଚନ୍ଦ୍ର-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ୧.୭୧ କୋଟି ମୂଲ୍ୟର କିଆଫୁଲ ଅତର ଠକେଇ : ଅସଲି ନେଇ ନକଲି ଦେଲେ



**ବ୍ରହ୍ମପୁର, ୨୪/୦୬ ନ୍ୟୁଜ ବ୍ୟୁରୋ**

ଅତି ଚତୁରତାର ସହ ବଡ଼ଧରଣର ଠକେଇ ହୋଇଛି । ଲକ୍ଷ କି ଦୁଇ ଲକ୍ଷ ନୁହେଁ, ପାଖାପାଖି ଦୁଇ କୋଟି ଟଙ୍କାର କିଆଫୁଲ ଅତର ଠକେଇ ହୋଇଛି । ଠକେଇର ଶିକାର ହୋଇଛନ୍ତି ଚମାଖଣ୍ଡି ଥାନା ଅନ୍ତର୍ଗତ ବଡ଼ପୁଟି ଗ୍ରାମର ଜି. ସୁନିଲ୍ । ସେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଚଳିତ ମାସ ୯ ତାରିଖରେ ଚମାଖଣ୍ଡି ଥାନାରେ ଏତଲା ଦେଇଥିଲେ। ଘଟଣାଟି ଭୁବନେଶ୍ୱର ବରଗଡ଼ ଅଞ୍ଚଳରେ ଘଟିଥିବାରୁ ଚମାଖଣ୍ଡି ଥାନା ପୋଲିସ ଜିରୋ ଏତଲା କରି ସେଠାକୁ ପଠାଇଥିଲେ । ପରେ ବ୍ୟବସାୟୀ ଜଣକ ବରଗଡ଼ ଥାନାକୁ ଯାଇ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ । ଏବେ ତଦନ୍ତ ଜାରି ରହିଛି । ବଡ଼ପୁଟି ଗ୍ରାମର ଜି. କର୍ଲେୟାଙ୍କ ପୁଅ ଜି. ସୁନିଲ୍‌ଙ୍କ କିଆଫୁଲ ଭାଟି ରହିଛି । ବିଭିନ୍ନ ଅଞ୍ଚଳର ଚାଷୀମାନେ ତାଙ୍କୁ ଫୁଲ ଦେଇଥାନ୍ତି ଏବଂ ସେ ସେଥିରୁ ଅତର ପ୍ରସ୍ତୁତ କରିଥାନ୍ତି । ସୁନିଲ୍ ନିଜ ଭାଟିରୁ ୨୪ କେଜି ୫ଶହ ଗ୍ରାମ ଅତର ଉତ୍ପାଦନ କରିଥିଲେ । ଯାହାର ବଜାର ମୂଲ୍ୟ ୧ କୋଟି ୭୧ଲକ୍ଷ ୫୦ ହଜାର ଟଙ୍କା ହେବ । ତାଙ୍କ ଠାରୁ ଅତର କିଣିବାପାଇଁ ଜଣେ ବ୍ୟବସାୟୀ ବଡ଼ପୁଟିକୁ ଆସିଥିଲା । ସମସ୍ତ ମାଲ୍ ଓଜନ କରିବା ପରେ ସିଲ୍ କରାଯାଇଥିଲା । ଏହାର ତିନି ଦିନ ପରେ ଅନ୍ୟ ଜଣ ବ୍ୟକ୍ତି ନିଜକୁ ଅତର ବ୍ୟବସାୟୀ କହି ଫୋନ୍ କରି ଅତରର ପରୀକ୍ଷା ରିପୋର୍ଟ ପଠାଇବାକୁ କହିଥିଲେ । ସୁନିଲ୍ ରିପୋର୍ଟ ମଧ୍ୟ ପଠାଇଥିଲେ । ଗତ ମାସ ୧୮ ତାରିଖରେ କଟକ-ପୁରୀ ରୋଡ୍‌ର ସାଇ ମନ୍ଦିର ଛକ ବରଗଡ଼ ନିକଟସ୍ଥ ଭୂମିକା କନ୍‌ଭେସନ୍ ହୋଟେଲ୍‌କୁ ମାଲ୍ ନେଇ ଆସିବାକୁ ଫୋନ୍ କରିଥିବା ବ୍ୟକ୍ତି ଜଣଙ୍କ କହିଥିଲେ । ଅନ୍ୟ ଦୁଇ ଜଣଙ୍କ ସହ ଠିକଣା ସ୍ଥାନରେ ଅତର ସହ ସୁନୀଲ୍ ପହଞ୍ଚିଥିଲେ । ସେଠାରେ ଥିବା ବ୍ୟକ୍ତିଜଣକ ଏକ ଆଲ୍‌ମିରାରୁ ୧୦ କେଜି ଓଜନର ୨ଟି କେନ୍ ଓ ୫ କେଜି ଓଜନର ଗୋଟିଏ କେନ୍ ଥୋଇ ସୁନିଲ୍ ଆଣିଥିବା ଅତର ଜାଳିବାକୁ କହିଥିଲେ । ସେହି ହୋଟେଲ୍‌ରେ ଉକ୍ତ ବ୍ୟକ୍ତି ସହ ଅନ୍ୟ ୪ ଜଣ ମଧ୍ୟ ଉପସ୍ଥିତଥିଲେ । ପରେ ବ୍ୟବସାୟୀ ଜଣଙ୍କ ନିଜ ଲୋକଙ୍କ ସହାୟତାରେ ସୁନିଲ୍‌ଙ୍କ ଅତରକୁ ସିଲ୍ କରିଥିଲେ ହେଁ ପରବର୍ତ୍ତୀ ସମୟରେ ଅତର ନନେଇଯିବାକୁ ସୁନିଲ୍‌ଙ୍କୁ କହିଥିଲେ। କିଛି ଦିନ ମଧ୍ୟରେ ପୁଣି ଡ୍ରାକିବି ଏବଂ କିଣିବି ବୋଲି ବ୍ୟବସାୟୀ କହିଥିଲେ। ସିଲ୍ ଥିବା ତିନୋଟି କେନ୍‌କୁ ଧରି ସୁନିଲ୍ ଗ୍ରାମକୁ ଫେରି ଆସିଥିଲେ । ଗ୍ରାମକୁ ଫେରିବାର ଦୁଇ ଦିନ ପରେ ପ୍ରଥମ ବ୍ୟବସାୟୀ ଆଲୋକ ଅଓ୍ୱସ୍ଥି ବଡ଼ପୁଟିକୁ ଆସି ଅତର ଦେବାପାଇଁ ସୁନିଲ୍‌ଙ୍କୁ କହିଥିଲେ। ତେବେ ସେ ଅତର ଅନ୍ୟଜଣେ ବ୍ୟବସାୟୀଙ୍କୁ ବିକ୍ରି କରିଦେଇଛି ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଘଟଣା ସମ୍ପର୍କରେ ଆଲୋକ ଅତର ବ୍ୟବସାୟୀ ସଂଘକୁ ଜଣାଇଥିଲେ । ବାଧ ହୋଇ ସୁନିଲ୍ ସିଲ୍ ଥିବା ଅତରକୁ ଅଓ୍ୱସ୍ଥିଙ୍କୁ ହସ୍ତାନ୍ତର କରିଥିଲେ । ଅତର ଭର୍ତ୍ତି କେନ୍‌ର ସିଲ୍ କାଟିବା ପରେ ତାହା ଅତର ନୁହେଁ କେମିକାଲ୍ ରହିଥିବା ବ୍ୟବସାୟୀଜଣଙ୍କ କହିବାରୁ ସୁନିଲ୍ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ବହୁ ଚାଷୀ ତାଙ୍କୁ ଫୁଲଦେଇ ଏବେ ଟଙ୍କା ପାଇବା ଅପେକ୍ଷାରେ ରହିଥିବାରୁ ସୁନିଲ୍ ଚିନ୍ତାରେ ପଡ଼ିଛନ୍ତି । ଯେଉଁ ନମ୍ବରରୁ ଫୋନ୍ ଆସିଥିଲା ତାହା ଏବେ କାମ କରୁନି ବୋଲି ସୁନିଲ୍ କହିଛନ୍ତି । ଏହି ଘଟଣାର ସତ୍ୟତା ରହିଛି କି ନାହିଁ ଏବଂ ସେ ଚାଷୀଙ୍କୁ ଟଙ୍କା ନ ଦେବା ପାଇଁ କାହାଣୀ ରହିଥିବା ଅଭିଯୋଗ ହେବା ସହ ଏହାର ତଦନ୍ତ ଦାବି ହୋଇଛି । ଘଟଣା ଘଟିବାର ୧୯ ଦିନ ପରେ ସୁନିଲ୍ ଥାନାରେ ଜଣାଇଛନ୍ତି। ବରଗଡ଼ ଥାନାକୁ ଥରେ ମାତ୍ର ଯାଇଛନ୍ତି । ଦୁଇ ଦିନ ମଧ୍ୟରେ ପୁଣି ଥାନାକୁ ଯିବେ ବୋଲି ସେ କହିଛନ୍ତି। ଚାଷୀଙ୍କ ବକେୟା ଟଙ୍କା ଜମି ବିକ୍ରି କରି ଭରଣା କରିବା ସହ ଘଟଣା ସମ୍ପର୍କରେ ସଂଘକୁ ମଧ୍ୟ ଅବଗତ କରିଛି ବୋଲି ସେ କହିଛନ୍ତି ।


ସମ୍ପାଦକୀୟ
ପୃଷ୍ଠା-୪
ଧନୀ ପରିବାର ସଂଖ୍ୟା ୨୭୦୦୦କୁ ବୃଦ୍ଧି
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-10 • Issue-51 • 24-30th June 2026 • Bhubaneswar
କାନ୍ଦେରୀ ଗାଁର ଦୁଃଖ: ଗାଁକୁ ନାହିଁ ପକ୍କା ରାସ୍ତା
୪ କିଲୋମିଟର ଖଟିଆରେ ବୁହା ହୋଇ ଘରକୁ ଆସିଲା ମୃତଦେହ
ଅଗ୍ରସର ହେଲା ମୌସୁମୀ : ତଥାପି ଜୁନରେ ନିଅଣ୍ଟିଆ ବର୍ଷା

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com